

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୬ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 26 JUNE 2021

Vol.No. 32 ■ No. 160 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଓଡ଼ିଶାରେ ଚିହ୍ନଟ ହେଲା ଡେଲଟା ପ୍ଲସ୍ ଭାରିଆଣ୍ଟ



ଭୁବନେଶ୍ୱର,୨୫/୦୬(ନି.ପ୍ର): ଦ୍ୱିତୀୟ ଲହରରେ ଆତଙ୍କ ଖେଳାଇଥିବା କରୋନା ଭୂତାଣୁର ଡେଲଟା ଭାରିଆଣ୍ଟ ରୂପ ବଦଳାଇ ଡେଲଟା ପ୍ଲସ ଭାରିଆଣ୍ଟ ହୋଇ ନୂଆ ରୂପରେ ଆସିଛି । ଓଡିଶାର ଦେବଗଡରେ ଜଣେ ବ୍ୟକ୍ତିଙ୍କ ଠାରେ ଏହି ଭୂତାଣୁ ଚିହ୍ନଟ ହୋଇଛି । ତେବେ ସେ କେଉଁଠୁ ଆସିଥିଲେ ଏବଂ ସେ ଭାଇରସ ଓଡିଶା କେମିତି ପହଞ୍ଚିଲା ସେ ବିଷୟରେ ସଂପୂର୍ଣ୍ଣ ତଥ୍ୟ ମିଳିପାରି ନାହିଁ । ଗତ ଏପ୍ରିଲରେ ପ୍ରଥମ ଥର ପାଇଁ ଭାରତର ମହାରାଷ୍ଟ୍ରରେ ଚିହ୍ନଟ ହୋଇଥିବା ଏହି ଭାରିଆଣ୍ଟ ଡେଲଟା ଭାରିଆଣ୍ଟ ଠାରୁ ଅଧିକ ସଂକ୍ରାମକ ହୋଇପାରେ । ନ୍ୟାସନାଲ ସେଣ୍ଟର ଫର ଡିଜିଜ କଂଟ୍ରୋଲର ନିର୍ଦ୍ଦେଶକ କହିଛନ୍ତି, ଏବେ ଯାଏଁ ୪୮ଟି ଡେଲଟା ପ୍ଲସ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମହାରାଷ୍ଟ୍ରରେ ୨୦ ଜଣ, ତାମିଲନାଡୁରେ ୯ ଜଣ, ମଧ୍ୟପ୍ରଦେଶରେ ୭ ଜଣ, କେରଳରେ ୩ ଜଣ, ଓଡିଶାରେ ଜଣେ, ଏହିପରି ୧୧ଟି ରାଜ୍ୟରୁ ୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହି ଭାରିଆଣ୍ଟ ବ୍ରିଟେନ, କାନାଡା, ଭାରତ, ଜାପାନ, ରୁଷିଆ, ଆମେରିକା ଭଳି ୧୧ଟି ଦେଶରେ ଚିହ୍ନଟ ହୋଇଛି । ତେବେ ଏହା କେତେ ମାରାତ୍ମକ, କେତେ ସଂକ୍ରାମକ ଏବଂ କେତେ କ୍ଷତିକାରକ ହେବ ତାକୁ ନେଇ ଅନୁଧ୍ୟାନ ଚାଲିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି- ଡେଲଟା ପ୍ଲସ ଭାରିଆଂଟକୁ ଅନୁଧ୍ୟାନ କରାଯାଉଛି, ଲାଗୁଛି ଏହା ଏକ ସାଧାରଣ ଭାରିଆଂଟ ନୁହେଁ । ସେହିପରି ଭାରତୀୟ ଚିକିତ୍ସା ବିଜ୍ଞାନ ଓ ଗବେଷଣା କେନ୍ଦ୍ର-ଆଇସିଏମଆର କହିଛି, ଏହି ଭାରିଆଂଟକୁ ନେଇ ଅଧିକ ଗବେଷଣା କରୁଛୁ, ଭ୍ୟାକ୍ସିନ ନେଇଥିବା ଲୋକଙ୍କୁ ଏହା କେମିତି ସଂକ୍ରମିତ କରୁଛି, ତାହାର ଅନୁଧ୍ୟାନ କରୁଛୁ । ଭାରତର ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଛି- ଡେଲଟା ଭାରିଆଂଟର ଏହି ପରିବର୍ତ୍ତିତ ରୂପ 'ଭାରିଆଂଟ ଅପ କନସର୍ନ' ଅର୍ଥାତ ଏହା ଚିନ୍ତାଜନକ ହୋଇପାରେ । ତେବେ ଭ୍ୟାକ୍ସିନ ନେଇଥିବା ଲୋକଙ୍କୁ ଭୂତାଣୁର ଏହି ନୂଆ ରୂପ ସଂକ୍ରମିତ କରିପାରିବ କି ନାହିଁ ସେ ନେଇ ଅନୁଧ୍ୟାନ ଚାଲିଛି । ବର୍ତ୍ତମାନ ଯାଏଁ ଏହାର ସଠିକ ଉତ୍ତର ଆସିନାହିଁ । ଚିକିତ୍ସା ବିଜ୍ଞାନୀମାନେ କହୁଛନ୍ତି, ଏହା ଉପରେ ବିସ୍ତୃତ ଅଧ୍ୟୟନ ଦରକାର । ଭ୍ୟାକ୍ସିନ ଦ୍ୱାରା ସୃଷ୍ଟି ହେଉଥିବା ରୋଗ ପ୍ରତିରୋଧକ ଶକ୍ତିକୁ ଏହା ଯଦି ଭାଙ୍ଗି ଦିଏ ତେବେ ନିଶ୍ଚୟ ଏହା ଏକ ବଡ ଚିନ୍ତାର କାରଣ ହୋଇଯିବ । ଯଦି ଡେଲଟା ପ୍ଲସ ଭାରିଆଂଟ ଅଧିକ ସଂକ୍ରାମକ ହୁଏ, ତେବେ ଏହି ଲହର ତୃତୀୟ ଲହର ଆଣିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି । କିନ୍ତୁ ପ୍ରକୃତରେ ଏହା କେତେ କ୍ଷତିକାରକ ଓ ସଂକ୍ରାମକ ହେବ ତାହା ସଂପୂର୍ଣ୍ଣ ରୂପେ ଜଣାପଡି ନାହିଁ ।

ପ୍ରକାଶ ପାଇଲା ମାଟ୍ରିକ୍ ରେଜଲ୍ଟ

ଏଥର ୯୭.୮୯ ପ୍ରତିଶତ ପିଲା ପାସ କରିଛନ୍ତି

ଭୁବନେଶ୍ୱର,୨୫/୦୬(ନି.ପ୍ର): କରୋନା କାଳର ମାଟ୍ରିକ୍ ପାସ୍ ହାର ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ସବୁ ରେକର୍ଡକୁ ଭାଙ୍ଗି ଦେଇଛି । ରାଜ୍ୟର ୮,୯୩୪ ସ୍କୁଲରେ ୫,୭୪,୧୨୫ ଜଣ ରେଗୁଲାର ଛାତ୍ରଛାତ୍ରୀ ଫର୍ମ ଫିଲପ୍ କରିଥିବା ବେଳେ ସେଥିରୁ ୫,୬୨,୦୧୦ ଜଣ ପାସ୍ କରିଛନ୍ତି । ମାତ୍ର ୭,୭୦୩ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି । ଛାତ୍ରଙ୍କ ଠାରୁ ଅଧିକ ସଂଖ୍ୟାରେ ଛାତ୍ରୀ ପାସ୍ କରିଛନ୍ତି । ପାସ୍ ହାରରେ ଆଗରେ ରହିଛି ଜଗତସିଂହପୁର ଜିଲ୍ଲା । ପାସ୍ ହାର ୯୯.୦୯ ପ୍ରତିଶତ । ସେହିପରି ଯାଜପୁର ଜିଲ୍ଲାରେ ପାସ୍ ହାର ରହିଛି ୯୯.୦୨ ପ୍ରତିଶତ । ସେହିପରି ଏକ୍ସ ରେଗୁଲାର ଛାତ୍ରଛାତ୍ରୀ ମଧ୍ୟ ପଛରେ ପଡିନାହାନ୍ତି । ଏକ୍ସ-ରେଗୁଲାର ପାସ୍ ହାର ୮୮.୩୩ ପ୍ରତିଶତ ରହିଛି । ମାଟ୍ରିକ୍ ପରୀକ୍ଷାରେ ପାସ୍ କରିଛନ୍ତି ପ୍ରାୟ ୬ ଲକ୍ଷ ୩୦ ହଜାର ରେଗୁଲାର ଓ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀ । ଏପଟେ ରାଜ୍ୟରେ ପାଖାପାଖି ୧୬୦୦ ପ୍ଲସ-ଟୁ କଲେଜ୍ ରହିଥିବା ବେଳେ ଏଥିରେ ପ୍ରାୟ ୪ ଲକ୍ଷ ୩୦ ହଜାର ପିଲା ପାଠ ପଢ଼ିପାରିବେ । ତେଣୁ ବାକି ୨ ଲକ୍ଷ ପିଲାଙ୍କ ଭବିଷ୍ୟତ କଣ ହେବ, ଏହା ହିଁ ସବୁଠୁ ବଡ଼ ପ୍ରଶ୍ନ । ମାଟ୍ରିକ ପରୀକ୍ଷା ଫଳକୁ ନେଇ ଯେଉଁ ଉତ୍କଣ୍ଠା ରହିଥିଲା, ତାହା ଶେଷ ହୋଇଛି । ଆଶାତୀତ ପାସ ହାର ପରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ▶▶ପୃଷ୍ଠା ୭

ଚନ୍ଦ୍ରକାନ୍ତ ନାୟକଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ପଦବୀକୁ ପଦନ୍ନୋତି

ଭୁବନେଶ୍ୱର,୨୫/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ସୂଚନା ସେବା ଅଧିକାରୀ ଶ୍ରୀ ଚନ୍ଦ୍ରକାନ୍ତ ନାୟକଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ପଦବୀକୁ ପଦନ୍ନୋତି ଦିଆଯାଇଛି । ଶ୍ରୀ ନାୟକ ଏହା ପୂର୍ବରୁ ଯୁଗ୍ମ ନିର୍ଦ୍ଦେଶକ ପଦବୀରେ ଦାୟିତ୍ୱ ନିର୍ବାହ କରୁଥିଲେ । ଆଗାମୀ ଜୁନ୍ ୩୦ ତାରିଖରେ ସେ ଅବସର ଗ୍ରହଣ କରୁଥିବା ବେଳେ ରାଜ୍ୟ ସରକାରଙ୍କ ୫-ଟି ଆଭିମୁଖ୍ୟ ଆଧାରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ତଥା ନିର୍ଦ୍ଦେଶକଙ୍କ ଆବଶ୍ୟକ ତ୍ୱରିତ ପଦକ୍ଷେପ ଫଳରେ ତାଙ୍କୁ ଏହି ପଦନ୍ନୋତି ମିଳିଥିବା ଶ୍ରୀ ନାୟକ ପ୍ରକାଶ କରିବା ସହିତ ଏଥିପାଇଁ ରାଜ୍ୟ ସରକାର ତଥା ପ୍ରମୁଖ ଶାସନ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି । ପ୍ରକାଶ ଥାଉକି , ଶ୍ରୀ ନାୟକ ଏହା ପୂର୍ବରୁ ବିଭିନ୍ନ ସମୟରେ କେନ୍ଦ୍ରାପଡା, ଭଦ୍ରକ ଓ ବଲାଙ୍ଗୀରରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭାବେ ଦକ୍ଷତାର ସହିତ କାର୍ଯ୍ୟ ସଂପାଦନ କରିଥିବାବେଳେ ଆଠଗଡ, କଟକ, ନୀଳଗିରି, ହିନ୍ଦୋଳ, ଯାଜପୁର ଆଦି ସବ୍‌ଡିଭିଜନ୍‌ରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ତାଙ୍କର ଏହି ପଦନ୍ନୋତି ଅବସରରେ ଓଡିଶା ସୂଚନା ସେବା ସଂଘ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଅଡିଟ୍ ଟିମର ଖୁଲାସା

ଆବଶ୍ୟକତା ଠାରୁ ୪ ଗୁଣା ଅଧିକ ଅକ୍ସିଜେନ ମାଗିଥିଲେ ଦିଲ୍ଲୀ ସରକାର

ନୂଆଦିଲ୍ଲୀ,୨୫/୦୬: ସୁପ୍ରିମ କୋର୍ଟଙ୍କ ଦ୍ୱାରା ଗଠିତ ଅକ୍ସିଜେନ କମିଟି ଅକ୍ସିଜେନ ଯୋଗାଣକୁ ନେଇ ଦିଲ୍ଲୀ ସରକାରଙ୍କୁ କାଠଗଡାରେ ଠିଆ କରାଯାଇଛନ୍ତି । ରାଜଧାନୀ ଦିଲ୍ଲୀରେ ଏପ୍ରିଲ ୩୦ ଠାରୁ ମେ ୧୦ ତାରିଖ ମଧ୍ୟରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଶୀର୍ଷରେ ଥିଲା । ଏହି ସମୟରେ ଦିଲ୍ଲୀ ସରକାର କେନ୍ଦ୍ର ସରକାରଙ୍କୁ ଆବଶ୍ୟକତା ଠାରୁ ଅଧିକ ୪ ଗୁଣା ଅକ୍ସିଜେନ ମାଗିଥିବା ନେଇ କମିଟି ସୁପ୍ରିମକୋର୍ଟରେ ପ୍ରାରମ୍ଭିକ ରିପୋର୍ଟ ଦାଖଲ କରିଛି । ଏନେଇ କମିଟି ସୁପ୍ରିମକୋର୍ଟରେ ଦାଖଲ କରିଥିବା ରିପୋର୍ଟରେ କହିଛି କି ଯଦି ଦିଲ୍ଲୀ ସରକାରଙ୍କ ଦାବି ମୁତାବକ କେନ୍ଦ୍ର ସରକାର ଅକ୍ସିଜେନ ଯୋଗାଇ ଥାନ୍ତେ ତେବେ ୧୨ ଟି ରାଜ୍ୟରେ ଅକ୍ସିଜେନର ଅଭାବ ଦେଖା ଦେଇଥାନ୍ତା । କମିଟି ତା'ର ରିପୋର୍ଟରେ କହିଛି କି, ଦିଲ୍ଲୀରେ ମେଡିକାଲର ଶଯ୍ୟା କ୍ଷମତା ହିସାବରେ ୨୮୯ ମେଟ୍ରିକ ଟନ୍ ମେଡିକାଲ ଅକ୍ସିଜେନର ଅବଶ୍ୟକତା ଥିଲା । ହେଲେ ଦିଲ୍ଲୀ ସରକାର ବାରମ୍ବାର ୧,୧୪୦ ମେଟ୍ରିକ ଟନ୍ ଅକ୍ସିଜେନ ପାଇଁ ଦାବି କରୁଥିଲେ । ଯାହାକି ଆବଶ୍ୟକତାର ୪ ଗୁଣା ବୋଲି ରିପୋର୍ଟରେ କୁହାଯାଇଛି । ଅନ୍ୟପଟେ ବାସ୍ତବ ଆବଶ୍ୟତା ଠାରୁ ଅଧିକ ଅକ୍ସିଜେନ ଦିଲ୍ଲୀକୁ ଯୋଗାଇ ଦିଆଯାଇଥିବରା କଥା ରିପୋର୍ଟରେ କୁହାଯାଇଛି । ସୂଚନା ଥାଉକି ମେ ୫ ତାରିଖରେ ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୁଡଙ୍କ ଅଧକ୍ଷତାରେ ବସିଥିବା ଖଣ୍ଡପୀଠ ରାଜଧାନୀ ଦିଲ୍ଲୀରେ ଅକ୍ସିଜେନର ଅଭାବକୁ ନେଇ ଦିଲ୍ଲୀ ▶▶ପୃଷ୍ଠା ୭

୭ଟି ଜିଲ୍ଲାରେ ମେଡିକାଲ ଅକ୍ସିଜେନ ସଂରକ୍ଷଣ, ବଣ୍ଟନ ବ୍ୟବସ୍ଥା ପାଇଁ ଭିଡିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫/୦୬(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ରାଜ୍ୟର ଆଉ ୭ଟି ଜିଲ୍ଲାରେ ତରଳ ମେଡିକାଲ ଅକ୍ସିଜେନ୍ ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହାସହିତ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଅକ୍ସିଜେନ ପ୍ଲାଣ୍ଟ ପାଇଁ କାମ ଆରମ୍ଭ ହୋଇଛି। ଆଗାମୀ ଦୁଇ ମାସ ମଧ୍ୟରେ ଏହିସବୁ ପ୍ଲାଣ୍ଟରୁ ସେବା ଯୋଗାଇ ଦିଆଯାଇପାରିବ। ଆଜି ଭିତ୍ତିପ୍ରସ୍ତର ଦିଆଯାଇଥିବା ଜିଲ୍ଲାଗୁଡିକ ହେଲା ଅନୁଗୁଳ, ବୌଦ୍ଧ, ଦେବଗଡ, ଢେଙ୍କାନାଳ, ଗଜପତି, ଭବାନୀପାଟଣା ଓ ନୂଆପଡା । ପ୍ରତ୍ୟେକ ସଂରକ୍ଷଣ ବ୍ୟବସ୍ଥାରେ ୬ କିଲୋଲିଟର ତରଳ ଅକ୍ସିଜେନ ସଂରକ୍ଷଣ ଓ ବଣ୍ଟନ କରାଯାଇପାରିବ । ଏହାସହିତ ମୁଖ୍ୟମନ୍ତ୍ରୀ ଆଠମଲ୍ଲିକ ଉପଖଣ୍ଡ ହସ୍ପିଟାଲରେ ଅକ୍ସିଜେନ ପାଇପ ସଂଯୁକ୍ତ କୋଭିଡ ୱାର୍ଡ; ପାଲଲହଡା ଉପଖଣ୍ଡ ହସ୍ପିଟାଲ, ମାଧପୁର ଓ କିଶୋରନଗରର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଠାକୁରମୁଣ୍ଡା ଓ ବଇଣ୍ଡାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ସିଜେନ ପାଇପ ସଂଯୁକ୍ତ ଆଇସୋଲେସନ୍ ୱାର୍ଡ ଓ ତା ସହିତ ଦେବଗଡ ରାଜମୁଣ୍ଡାସ୍ଥିତ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟୀକା ଭଣ୍ଡାର ଗୃହର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ ଯେ ମହାମାରୀ ▶▶ପୃଷ୍ଠା ୭

'ଜରୁରିକାଳୀନ ପରିସ୍ଥିତି' ଆଲୋଚନା ଚକ୍ରରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

ଭୁବନେଶ୍ୱର,୨୫/୦୬ (ନି.ପ୍ର): ୧୯୭୫ ମସିହା ଜୁନ ୨୫ ତାରିଖରେ ତତକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ଦ୍ୱାରା ଦେଶରେ ଜାରୀ ହୋଇଥିବା ଜରୁରିକାଳୀନ ପରିସ୍ଥିତିକୁ କେବେ ଭୁଲାଯାଇପାରିବନି କିମ୍ବା କ୍ଷମା କରି ହେବନାହିଁ ବୋଲି ଶୁକ୍ରବାର ରାଜ୍ୟ ବିଜେପି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ 'ଜରୁରିକାଳୀନ ପରିସ୍ଥିତି' ନେଇ ଭିଡିଓ କନଫରେନ୍ସିଂ ଜରିଆରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେଉଁ ମାତୃଭୂମିର ସ୍ୱାଧୀନତା ପାଇଁ ଶହ ଶହ ସଂଗ୍ରାମୀ, ବୀର ସୈନିକବ୍ରିଟିଶ ବିରୋଧରେ ଲଢ଼ି ନିଜର ବଳିଦାନ ଦେଇ ଦେଶକୁ ସ୍ୱାଧୀନତା ଦେଇଥିଲେ । ୪୬ ବର୍ଷ ପୂର୍ବେ ଆଜିର ଦିନରେ ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଜରୁରିକାଳୀନ ପରିସ୍ଥିତି ଲାଗୁ କରି ଗଣତନ୍ତ୍ରର ହତ୍ୟା କରିଥିଲେ । ସେହି ସମୟରେ ଦେଶର ନେତା, ଛାତ୍ରଛାତ୍ରୀ, ଗଣମାଧ୍ୟମ ଏବଂ ସାଧାରଣ ଜନତାଙ୍କ ଦ୍ୱାରା ଦିଆଯାଇଥିବା ବଳିଦାନକୁ ଆମକୁ ସର୍ବଦା ସ୍ମରଣୀୟ ରଖିବା ପାଇଁ ହେବ ।

ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୪୦ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୫/୦୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୪୦ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୩୮୦୧ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୯ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଓ ବରଗଡ ଓ ନୟାଗଡ଼ ଜିଲ୍ଲାରେ ୫ ଜଣ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ।

ଅନଲାଇନରେ ହେବ ୟୁଜି-ପିଜି ପରୀକ୍ଷା

ଡିଗ୍ରୀ କଲେଜ ଅଧ୍ୟକ୍ଷକଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସୂଚନା; ଛାତ୍ରଛାତ୍ରୀ ପରୀକ୍ଷା ଦାୟିତ୍ୱ ନେବେ ଅଧ୍ୟାପକ

ଭୁବନେଶ୍ୱର,୨୫/୦୬(ନି.ପ୍ର): ଅନଲାଇନରେ ହେବ ଚଳିତବର୍ଷ ୟୁଜି ଓ ପିଜି ପରୀକ୍ଷା । ଛାତ୍ରଛାତ୍ରୀ ପାଠପଢା ଓ ପରୀକ୍ଷାର ଦାୟିତ୍ୱ ଅଧ୍ୟାପକଙ୍କୁ ଦାୟିତ୍ୱ ଦିଆଯାଇଥିବା କହିଛନ୍ତି ଉଚ୍ଚଶିକ୍ଷା ଅରୁଣ ସାହୁ । ପ୍ରତି ଅଧ୍ୟାପକଙ୍କ ଦାୟିତ୍ୱରେ କିଛି ନିର୍ଦ୍ଦିଷ୍ଟ ସଂଖ୍ୟକ ପିଲା ରହିବେ । ଏନେଇ ଆଜି ବିଭିନ୍ନ ଡିଗ୍ରୀ କଲେଜର ଅଧ୍ୟକ୍ଷଙ୍କ ସହ ଭିଡିଓ କନଫରେନସିଂ ଜରିଆରେ ଆଲୋଚନା କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ । କରୋନାର ଏହି ଉତ୍କଟ ସମୟରେ କିଭଳି ଶୃଙ୍ଖଳିତ ଭାବେ ଅନଲାଇନ୍ ପରୀକ୍ଷା କରାଯିବ ତା'ଉପରେ ଧ୍ୟାନ ଦେବାକୁ କୁହାଯାଇଛି । ଚଳିତଥର ମେଂଟରିଂ ସିଷ୍ଟମ୍ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି । ଯଦି ଗୋଟିଏ ବିଭାଗରେ ୩୨ ଜଣ ପିଲା ଅଛନ୍ତି, ଏବଂ ସେହି ବିଭାଗରେ ୪ ଜଣ ଅଧ୍ୟାପକ ଅଛନ୍ତି । ତେବେ ଜଣେ ଅଧ୍ୟାପକ ୮ ଜଣ ଛାତ୍ରଛାତ୍ରୀଙ୍କ ମେଂଟରିଂ କରିବେ ଅର୍ଥାତ୍ ସେମାନଙ୍କ ପରୀକ୍ଷା ଦାୟିତ୍ୱ ନେବେ । ଛାତ୍ରଛାତ୍ରୀ କିଭଳି ସୂଚାରୁ ରୂପେ ପରୀକ୍ଷା ଦେବେ ସେ ଦାୟିତ୍ୱ ଅଧ୍ୟାପକ ନେବେ ।

କରୋନା ବେଳେ କ୍ୱାରେଣ୍ଟିନ୍ ଭଳି ଅଣସରକୁ ଗଲେ ଜଗନ୍ନାଥ

ପୁରୀ,୨୫/୦୬(ନି.ପ୍ର): ଶ୍ରୀଜିଉଙ୍କ ମାନବୀୟ ଲୀଳା, ଜଗନ୍ନାଥ ସଂସ୍କୃତିର ଆଉ ଏକ ଅନନ୍ୟ ପରମ୍ପରା । ଏଠି ଭଗବାନ ମଣିଷ ଭଳି ସ୍ନାନ କରନ୍ତି, ମଣିଷ ଭଳି ଜ୍ୱର ହୁଏ ଏବଂ ଉପଚାର ମଧ୍ୟ କରାଯାଏ । ୧୦୮ ଗରା ସୁବାଷିତ ଜଳରେ ସ୍ନାନ କରିବା ପରେ ଶ୍ରୀଜିଉଙ୍କୁ ଏବେ ଜର । ଆଉ ପରମ୍ପରା ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆରମ୍ଭ ହୋଇଛି ୧୪ ଦିନିଆ ଅଣସର । ଏକାନ୍ତବାସରେ ରହି ଚେରମୂଳି ଔଷଧୀରେ ଉପଚାର ପରେ ଧିରେ ଧିରେ ସୁସ୍ଥ ହେବେ ବଡ଼ ଠାକୁର । କିନ୍ତୁ କରୋନା କାଳରେ ମହାପ୍ରଭୁଙ୍କ ଏହି ମାନବୀୟ ଲୀଳାକୁ ୧୪ ଦିନିଆ କ୍ୱାରେଣ୍ଟିନ୍ ସହ ଯୋଡ଼ି ଦେଖାଯାଉଛି । ଜ୍ୱର ହେବା ପରେ ଶ୍ରୀଜିଉ ଯେମିତି ଅଣସରରେ ରୁହନ୍ତି, ସେମିତି କରୋନା କାଳରେ ସଙ୍ଗରୋଧ, ଏକାନ୍ତବାସ ଏବଂ ୧୪ ଦିନଯାଏଁ କଟକଣା ପାଳନ କରାଯାଉଛି । ▶▶ପୃଷ୍ଠା ୭

ଯୋଗର ନାଭିକେନ୍ଦ୍ର ହେଉଛି ଭାରତ : ସ୍ମୃତିଶକ୍ତି ବଢାଏ ଯୋଗାଭ୍ୟାସ

ଭୁବନେଶ୍ୱର,୨୫/୦୬ (ନି.ପ୍ର): ଯୋଗ ଏକ ପ୍ରାଚୀନ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଅଭ୍ୟାସ। ଯୋଗର ନାଭିକେନ୍ଦ୍ର ହେଉଛି ଭାରତ। ଯୋଗର ଫାଇଦା ବାସ୍ତବରେ ଚମତ୍କାର। ସାମ୍ପ୍ରତିକ ପରିସ୍ଥିତିରେ ଯୋଗକୁ ଜୀବନର ଅବିଚ୍ଛେଦ୍ୟ ଅଂଶ କରିବା ସହ ଅନ୍ୟମାନଙ୍କୁ ପ୍ରେରିତ କରିବା ପାଇଁ ସମସ୍ତେ ଯତ୍ନବାନ ହେବା ନିତାନ୍ତ ଆବଶ୍ୟକ। ଏତଦ୍‌ସହ ଯୋଗାଭ୍ୟାସ ବିଦ୍ୟାର୍ଥୀଙ୍କ ଧ୍ୟାନ କେନ୍ଦ୍ରିତ ସହ ସ୍ମୃତିଶକ୍ତି ବଢାଇବାରେ ବେଶ୍ ସହାୟକ ହୋଇ ପାରିଥାଏ ବୋଲି ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆୟୋଜିତ ୱେବିନାରରେ ଯୋଗ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦିତ ଭୁବନେଶ୍ୱରସ୍ଥିତ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ପକ୍ଷରୁ ଉକ୍ତ ୱେବିନାରଟିକୁ ଆୟୋଜନ କରାଯାଇଥିଲା। ▶▶ପୃଷ୍ଠା ୭

ଆଶାକର୍ମୀଙ୍କୁ ଉପରିସ୍ଥ ସ୍ୱାସ୍ଥ୍ୟାଧିକାରୀଙ୍କ ଜୁଲୁମ୍‌କୁ ପ୍ରତିବାଦ

ଭଦ୍ରକ,୨୫/୬ (ନି.ପ୍ର): ସରକାର ଆଶାକର୍ମୀମାନଙ୍କୁ ଉପକରଣ ଖର୍ଦ୍ଦି କରିବା ପାଇଁ ୧୦ ହଜାର ଯଙ୍କା ଲେଖାଏଁ ସହାୟତା ରାଶି ସେମାନଙ୍କ ବ୍ୟାଙ୍କ ଖାତାକୁ ଦେଇଥିବା ବେଳେ ଉକ୍ତ ଟଙ୍କାର ଭାଗ ନେବାକୁ ଉପରିସ୍ଥ ସ୍ୱାସ୍ଥ୍ୟ ଅଧିକାରୀମାନେ ଜୁଲୁମ୍ କରୁଛନ୍ତି। ଏହାକୁ ରାଜ୍ୟ ଆଶାକର୍ମୀ ସଂଘ ଭଦ୍ରକ ଜିଲ୍ଲା ଶାଖା ପକ୍ଷରୁ ବିରୋଧ କରାଯିବା ସହିତ ପ୍ରତିବାଦରେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନଙ୍କୁ ପ୍ରଦାନ କରାଯାଇଛି। କୋଭିଡ଼ ମହାମାରୀ ସମୟରେ ଆଶାକର୍ମୀମାନେ କରୋନା ଯୋଦ୍ଧା ଭାବେ ଜୀବନକୁ ବାଜି ଲଗାଇ କାର୍ଯ୍ୟନିର୍ବାହ କରୁଛନ୍ତି। ସେମାନଙ୍କ ସୁରକ୍ଷା ନିମିତ୍ତ ଉପକରଣ ଯଥା ଛତା, ଜୋତା, ପାଣିବୋତଲ, କ୍ୟାରିବ୍ୟାଗ, ସାଇକେଲ, ଗ୍ଲୋଭ୍ସ, ସାନିଟାଇଜର ଆଦି କ୍ରୟ କରିବା ନିମନ୍ତେ ରାଜ୍ୟ ସରକାର ପ୍ରତି ଆଶାକର୍ମୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ତେବେ ଜିଲ୍ଲା ଓ ବ୍ଲକ ସ୍ତରରେ ଥିବା ସ୍ୱାସ୍ଥ୍ୟ ଅଧିକାରୀମାନେ ଉକ୍ତ ଟଙ୍କା ଉଠାଣ କରି ସେମାନଙ୍କୁ ଦେବାକୁ ଆଶାକର୍ମୀଙ୍କୁ ବାଧ୍ୟ କରାଯାଉଛି। ଟଙ୍କା ନଦେଲେ ନାନା ପ୍ରକାର ହଇରାଣ କରାଯାଉଛି। ଏପରିକି ଧମକ ମଧ୍ୟ ଦିଆଯାଉଛି। ଫଳରେ ଆଶାକର୍ମୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଭଦ୍ରକ ଶାଖାର ଜିଲ୍ଲା ସମ୍ପାଦିକ ଲକ୍ଷ୍ମୀପ୍ରିୟା ରାଉତଙ୍କ ପୌରୋହିତ୍ୟରେ ଆଜି ଏକ ବୈଠକ ମାଳତୀ ଭବନ ସ୍ଥିତ ବିଏମ୍‌ଏସ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏମ୍‌ଏସ୍‌ର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ମୁକ୍ତିକାନ୍ତ ସାହୁ, ସହସମ୍ପାଦକ ବସନ୍ତ ରାଉତ, ଆଶାକର୍ମୀ ଜିଲ୍ଲା ସଂଘର ଉପସଭାନେତ୍ରୀ କନକ ବିଶ୍ୱାଳ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ନିରୂପମା ପତ୍ରୀ, ମୃଗତୃଷ୍ଣା ପଟ୍ଟନାୟକ, ଶର୍ମିଳା ପରିଡା ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ଏତାଦୃଶ କାର୍ଯ୍ୟକୁ ଘୋର ବିରୋଧ କରିଥିଲେ। ସ୍ୱାସ୍ଥ୍ୟ ଅଧକାରୀମାନେ ,ଭଳି ମନୋଭାବରୁ ନିବୃତ୍ତ ନ ହେଲେ ସଂଘ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ମତ ପ୍ରକାଶ କରିଥିଲେ। ପରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ପ୍ରଦାନ କରାଯାଇଥିଲା।

ବ୍ରହ୍ମବରଦା ଫାଣ୍ଡିକୁ ଥାନାର ମାନ୍ୟତା ମିଳିବ କେବେ ?

ଧର୍ମଶାଳା,୨୫/୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅଧିନସ୍ଥ ବ୍ରହ୍ମବରଦା ଅଂଚଳ ଏକ ସ୍ପର୍ଶକାତର ଅଂଚଳଭାବେ ଦୀର୍ଘଦିନରୁ ପରିଚିତ। ଧର୍ମଶାଳା ଥାନା ଅଧିନରେ ଥିବା ବ୍ରହ୍ମବରଦା ଫାଣ୍ଡି,୫ଗୋଟି ଫଂଚାୟତ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା,ମହେଶ୍ୱରପୁର ଓ ବନ୍ଧଡିହ ଓ ଧର୍ମଶାଳା ବ୍ଲକ ଅଧିନରେ ଥିବା ମଙ୍ଗଳପୁର,ଦେଓଦା ଓ ଅରାବଳ ଫଂଚାୟତର ଆଇନ ଶୃଂଖଳା ପରିସ୍ଥିତିକୁ ଆୟତ କରୁଛି। ହିନ୍ଦୁ-ମୁସଲମାନ ଉଭୟ ସଂପ୍ରଦାୟର ବହୁଳ ଲୋକ ମହେଶ୍ୱରପୁର ଓ ବ୍ରହ୍ମବରଦା ଫଂଚାୟତରେ ବସବାସ କରୁଛନ୍ତି। ବିଭିନ୍ନ ସମୟରେ ସାମାନ୍ୟ ଘଟଣାକୁ ନେଇ ଉଭୟ ସଂପ୍ରଦାୟ ମଧ୍ୟରେ ଉତେଜନା ସୃଷ୍ଟି ହେଲେ ଏହା ସଂପ୍ରଦୟିକ ଦଂଗା ହେବାର ସମ୍ଭାବନା ଥିବାରୁ ଏହା ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସୃଷ୍ଟି କରି ଆସୁଛି। ଏଥି ପାଇଁ ମାସମାସ ଧରି ଗୋଟିଏ ବା ଦୁଇଟି ପ୍ଲାଟୁନ୍ ଏପିଆର ପୋର୍ସ ଏହି ଅଂଚଳରେ ଡେରା ପକାଇ ରହିବାକୁ ପଡୁଛି। ସାମାନ୍ୟ ଉତେଜନାର ଖବର ପାଇ ଖୋଦ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏହି ଅଂଚଳରେ ଉପସ୍ଥିତ ରହିବାକୁ ପଡୁଛି। ଗ୍ରାମବାସୀଙ୍କୁ(ଉଭୟ ସଂପ୍ରଦାୟର)ନେଇ ଶାନ୍ତିକମିଟି ଗଠନ କରି ପରିସ୍ଥିତିକୁ ଆୟତ କରିବାକୁ ପରିଶ୍ରମ କରିବାକୁ ପଡୁଛି। ଅନ୍ୟପକ୍ଷେ ବନ୍ଧଡିହ,ଅରାବଳ ଓ ଦେଓଦା ଭଳି ଫଂଚାୟତମାନଙ୍କରେ ସବର୍ଣ୍ଣ ଓ ଅସବର୍ଣ୍ଣ ମଧ୍ୟରେ ଉତେଜନା ସୃଷ୍ଟି ହୋଇ ଗୁରୁତର ପରିସ୍ଥିତି ଉପୁଜି ଆସୁଥିବା ଦେଖିବାକୁ ମିଳୁଛି। ଏତେ ସବୁ ଘଟଣା ଘଟିଲାପରେ ମଧ୍ୟ ପ୍ରଶାସନର ଚେତାପଣ୍ଡୁ ନାହିଁ ,ଏବଂ ଆଇନ ଶୃଂଖଳା ପରିସ୍ଥିତିକୁ ନେଇ ଯେପରି ଅଣଦେଖା କରାଯାଉଛି,ଏହା ଦିନେ ପରିସ୍ଥିତିକୁ ଅଣାୟତ ଅବସ୍ଥାରେ ଫଂହଚିବ ବୋଲି ଗ୍ରାମବାସୀ ଆଶଂକା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୋଲିସ ମହାନିର୍ଦ୍ଦେଶକ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କୁ ବାରମ୍ବାର ଗ୍ରାମବାସୀ ପରିସ୍ଥିତି ବିଷୟରେ ଅବଗତ କରାଇ ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଧିକ ସଂଖ୍ୟକ କର୍ମଚାରୀ ଅବା ବହ୍ମବରଦା ଫାଣ୍ଡିକୁ ଥାନାର ମାନ୍ୟତା ମିଳିପାରୁ ନାହିଁ। ଏହି ଫାଣ୍ଡିକୁ ଦୀର୍ଘ ଦିନ ହେବ ଏଏସ୍‌ଆଇ ଓ ଚାରି ଜଣ କନେଷ୍ଟବଳଙ୍କୁ ନେଇ କାର୍ଯ୍ୟକରା ଯାଉଛି। ଯଦି କୋର୍ଟ କଚେରୀ,ଅନୁସନ୍ଧାନ ବା ବ୍ୟକ୍ତିଗତ କାରଣରୁ ଏଏସଆଇ ବାହାରକୁ ଗଲେ ତେବେ ଏଠାରେ କେହି ନ ଥିବେ ଆଇନ ଶୃଂଖଳା ପରିସ୍ଥିତିକୁ ମୁକାବିଲା କରିବା ପାଇଁ,ଏଥି ସହିତ ଏଠାରେ ଜଣେ ହେଲେ ମହିଳା ଷ୍ଟାଫ୍ ମଧ୍ୟ ନାହାନ୍ତି ମହିଳା ଅଭିଯୋଗ କାରୀଙ୍କ ଗୁହାରୀ ଶୁଣିବା ପାଇଁ, ଯଦିଓ ମୁସଲମାନ ସଂପ୍ରଦାୟର ମହିଳାମାନେ ଅଭିଯୋଗକାରୀ ବେଶି ଫାଣ୍ଡିକୁ ଆସନ୍ତି କାରଣ ଅଧିକାଂଶ ପୁରୁଷ ବିଭିନ୍ନ ବିଦେଶରେ ଚାକିରୀ କରି ଆସୁଛନ୍ତି ।ଏତଦ୍ ବ୍ୟତୀତ ବ୍ରହ୍ମବରଦା ଭଳି ଜନ ବହୁଳ ଅଂଚଳରେ ବଶେଷ କରି ବ୍ୟାଙ୍କଛକ ଓ ତାରିଣୀଛକରେ ଟ୍ରାଫିକ୍ ସମସ୍ୟା ଗୁରୁତର ଅବସ୍ଥାରେ ଫଂହଚିଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ୧୬କିମି ଦୂରରେ ଥିବା ଥାନାରୁ ଖବର ପାଇ ବ୍ରହ୍ମବରଦା ଅଂଚଳରେ ଫଂହଚି ଆଇନ ଶୃଂଖଳା ପରିସ୍ଥିତିକୁ ଆୟତ କରିବା କେତେ ଦୂର ସମ୍ଭବ ତାହା ଯାଜପୁର ନୂଆ ଆରକ୍ଷୀ ଅଧିକ୍ଷକ ମହୋଦୟ ଏଠାରେ ଦିନେ ଫଂହଚି ଏହି ଘଟଣାକୁ ଗୁରୁତର ସହ ବିଚାର କରି ଅଧିକ ସଂଖ୍ୟକ ଅଫିସର,କର୍ମଚାରୀ ଓ ମହିଳା କର୍ମଚାରୀ ନିୟୋଜିତ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ଅଂଚଳବାସୀମାନେ ଦାବି କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ୧ ମାସେ ପୂର୍ବେ ଆଉ ଜଣେ ଅଫିସର ଦେଇଥିବା ଜଣାପଡିଛି।

ଭଣ୍ଡାରିଙ୍କୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଦାବି

ଜୟପୁର,୨୫/୬ (ନି.ପ୍ର): ଜୟପୁର ଉପ ଜିଲାପାଳ କାର୍ଯ୍ୟାଳୟରେ ବିକ୍ଷୋଭ କରାଯାଇଛି। କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବିହାନିପତିଙ୍କ ନିର୍ଦ୍ଦେଶରେ କଂଗ୍ରେସ କର୍ମୀ ଓ ଜୟପୁର ଭଣ୍ଡାରି ସଂଘ ତରଫରୁ ବିକ୍ଷୋଭ କରାଯାଇ ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଆସିଷ୍ଟାଂଟ କଲେକ୍ଟର ରାଜେନ୍ଦ୍ର ଖରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି। କରୋନା ମହାମାରୀ ପାଇଁ ସହରର ସମସ୍ତ ଭଣ୍ଡାରି ଦୋକାନ ୩ ମାସ ହେବ ବନ୍ଦ ଅଛି। ଦୋକାନ ବନ୍ଦ ଯୋଗୁଁ ଜୀବନ ଓ ଜୀବିକା ଉପରେ ପ୍ରଭାବ ପଡିଛି। ଦୋକାନ ଭଡା ସହ ଘରର ଖର୍ଚ୍ଚ ପାଇଁ ବଂଚିବା ମଧ୍ୟ କଷ୍ଟ କର ହୋଇପଡିଛି। ରାଜ୍ୟ ସରକାର ସମସ୍ତ ବର୍ଗର ଲୋକଙ୍କୁ ସହାୟତା ଘୋଷଣା କରୁଥିବା ବେଳେ ଭଣ୍ଡାରି ସଂଘ ପ୍ରତି ନୀରବ ରହିଛନ୍ତି। ତେଣୁ ଭଣ୍ଡାରିଙ୍କ ପାଇଁ ସ୍ୱନନ୍ତ୍ର ପ୍ୟାକେଜ ଘୋଷଣା ସହ ପ୍ରତ୍ୟେକ ଭଣ୍ଡାରି ପରିବାରକୁ ମାସିକ ୫ ହଜାର ଟଙ୍କା ପ୍ରଦାନ କରାଯାଉ। ସେଲୁନ ଖୋଲିବାକୁ ଅନୁମତି ଦିଆଯାଉ ଆଦି ଦାବି କରାଯାଇଛି।

ଅବସରପ୍ରାପ୍ତ ଶିକ୍ଷାକର୍ମଚାରୀଙ୍କ ବିୟୋଗରେ ଶୋକ

ଧର୍ମଶାଳା,୨୫/୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅର୍ନ୍ତଗତ କାଏମାସ୍ଥିତ ଲାଲବାହାଦୂର ହାଇସ୍କୁଲର ୪ର୍ଥ ଶେଣ୍ଣୀ କର୍ମଚରୀ କେଶବ ନାୟକଙ୍କର ୬୭ ବର୍ଷ ବୟସରେ ତାଙ୍କ ବାସଭବନ ବଖୁ ଗ୍ରାମରେ ହୃଦଘାତରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି।

ସାମୁଦ୍ରିକ ରାଜ୍ୟ ବିକାଶ ପରିଷଦ(ଏମ୍‌ଏସ୍‌ଡିସି)ର ୧୮ତମ ବୈଠକ ଅନୁଷ୍ଠିତ

ପାରାଦ୍ୱୀପ ,୨୫/୬ (ନି.ପ୍ର): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ସ୍ୱାଧିନ ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡଭ୍ୟାଙ୍କ ଅଧକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସାମୁଦ୍ରିକ ରାଜ୍ୟ ବିକାଶ ପରିଷଦ(ଏମ୍‌ଏସ୍‌ଡିସି)ର ୧୮ତମ ବୈଠକ ଜୁନ ୨୪ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧିନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭ୍ୟା ପରିଷଦକୁ ସମ୍ବୋଦନ କରି କହିଛନ୍ତି ଯେ ଉତ୍ତର ରାଜ୍ୟ ତଥା କେନ୍ଦ୍ର ପାଇଁ ଲାଭଦାୟକସାମୁଦ୍ରିକ କ୍ଷେତ୍ରରେ ବିକାଶ ପାଇଁ ଏକ ଜାତୀୟ ଯୋଜନା ପ୍ରସ୍ତୁତ କରିବା ଏବଂ ଏଥିପାଇଁ ସର୍ବୋତ୍ତମ ଅଭ୍ୟାସ ଗ୍ରହଣ କରିବା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଦେଶରେ ବିକାଶ ରାଜ୍ୟ ଗୁଡିକର ବିକାଶ ଉପରେ ନିର୍ଭର କରେ ଏବଂ ସହଯୋଗୀ ସଂଘୀୟ ବ୍ୟବସ୍ଥାର ସର୍ବୋତ୍ତମ ଉଦାହରଣ ହେଉଛି ଏମ୍‌ଏସ୍‌ଡିସି। ବିକ୍ଷିପ୍ତ ଭାବେ ଆମ୍ଭେମାନେ ବିକାଶ କରିପାରିବୁ ନାହିଁ, ମିଳିତ ଭାବେ ଆମେମାନେ ଲକ୍ଷ୍ୟ ହାସଲ କରିପାରିବୁ। ଭାରତୀୟ ବନ୍ଦର ବିଲ୍ ୨୦୨୧ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାର ଗୁଡିକୁ ଅନୁରୋଧ କରିଛନ୍ତି ଯେ ଏହି ବିଲ୍‌କୁ ଏକ ବିକାଶ ମୂଳକ ପ୍ରସଙ୍ଗ ଭାବେ ଦେଖାଯିବା ଦରକାର, ବରଂ ରାଜନୈତିକ ପ୍ରସଙ୍ଗ ଭାବେ ନୁହେଁ। ସେ ଦର୍ଶାଇଛନ୍ତି ଯେ ଏହି ବିଲ୍ ଜରିଆରେ ଉଭୟ କେନ୍ଦ୍ର ଓ ସାମୁଦ୍ରିକ ରାଜ୍ୟ କେନ୍ଦ୍ରଶାସିତ ଅଂଚଳର ଅଂଶଗ୍ରହଣ ଦ୍ୱାରା ଉପକୂଳର ସର୍ବୋଚ୍ଚ ପରିଚାଳନା ଓ ଉପଯୋଗ ସହଜସାଧ୍ୟ ହେବ। କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାର ଗୁଡିକୁ ଆଶ୍ୱାସନା ଦେଇଛନ୍ତି ଯେ ଏକ ବ୍ୟାପକ ବନ୍ଦର ବିଲ୍‌ର ବିକାଶ ପାଇଁ ରାଜ୍ୟ ଗୁଡିକ ସମସ୍ତ ପରାମର୍ଶକୁ କେନ୍ଦ୍ର ସରକାର ସ୍ୱାଗତ କରିବ। କେନ୍ଦ୍ରମନ୍ତ୍ରୀ ଆହୁରୀ ମଧ୍ୟ କହିଛନ୍ତି ଯେ ଆଜି ୧୮ତମ ଏମ୍‌ଏସ୍‌ଡିସି ବୈଠକରେ ସାମୁଦ୍ରିକ କ୍ଷେତ୍ରର ସାମଗ୍ରିକ ପ୍ରଗତୀ ସଂପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାମୁଦ୍ରିକ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବେ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦର୍ଶାଯାଇଥିବା ପରି ଆମର ଅଭିବୃଦ୍ଧି ଆକାଂକ୍ଷା ଏକ ସମୟ ସୀମା ମଧ୍ୟରେ ସାମୁଦ୍ରିକ କାର୍ଯ୍ୟଆବଶ୍ୟକ କରେ ଏବଂ ଏହି ବିଷୟ ଗୁଡିକ ଉପରେ ଆଲୋଚନା କରିବା ପାଇଁ ଏମ୍‌ଏସ୍‌ଡିସି ଏକ ସକ୍ରିୟ ଭିତ୍ତିଭୂମୀ ପ୍ରଦାନ କରିଛି। ଆଜିର ବୈଠକରେ ଆଲୋଚନା ହୋଇଥିବା ପ୍ରମୁଖ ବିଷୟ ଗୁଡିକ ହେଉଛି ଭାରତୀୟ ବନ୍ଦର ବିଲ୍ ୨୦୨୧, ଜାତୀୟ ସାମୁଦ୍ରିକ ହେରିଟେଜ୍ ସଂଗ୍ରାଳୟ, ବନ୍ଦର ସହ ରେଳ ଓ ସଡକ ସଂଯୋଗୀକରଣ, ସାମୁଦ୍ରିକ ପରିଚାଳନ ଏବଂ ସାମୁଦ୍ରିକ ବିମାନ ସେବା, ସାଗରମାଳା ପ୍ରକଳ୍ପ, ଜାତୀୟ ଭିତ୍ତିଭୂମୀ ପାଇପଲାଇନ ପ୍ରକଳ୍ପ।

ଆମ୍ବାଗୁଡା ଗ୍ରାମ୍ୟ ରାସ୍ତା ନିର୍ମାଣ ନହେଲେ ରାଜପଥ ଅବରୋଧ

ଜୟପୁର,୨୫/୬ (ନି.ପ୍ର): ଜୟପୁର ବ୍ଲକର ଆମ୍ବାଗୁଡା ଗ୍ରାମ୍ୟ ରାସ୍ତା ସହ ଜାତୀୟ ରାଜପଥର ସଂଯୋଗୀକରଣ କଲର୍ଭଟ ଓ ରାସ୍ତା ନିର୍ମାଣ କରିବା ନେଇ ଗ୍ରାମବାସୀ ଦାବୀ କରିଛନ୍ତି। ୭ ଦିନ ଭିତରେ ରାସ୍ତା ନିର୍ମାଣ ନହେଲେ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ଏନେଇ ଉପ ଜିଲାପାଳଙ୍କ ଜରିଆରେ ଜିଲାପାଳ ଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ବର୍ତମାନ ଜାତୀୟ ରାଜପଥ ୨୬ର ପୁନଃ ନିର୍ମାଣ ପରେ ଜାତୀୟ ରାଜପଥ ଗ୍ରାମ୍ୟ ରାସ୍ତା ୭ରୁ ୮ ଫୁଟ ହେବା ସହ ଉଚ୍ଚ ହେବା ସହିତ ଏହାର ନାଳ ମଧ୍ୟ ସେହି ଉଚ୍ଚତା ଅନୁପାତରେ ନିର୍ମିତ ହୋଇଛି। ସାମାନ୍ୟ ବର୍ଷା ହେଲେ ଏତେ ପରିମାଣର ବର୍ଷା ପାଣି ଜମିବା ଦ୍ୱାରା ଜାତୀୟ ରାଜପଥକୁ ଆମ୍ବାଗୁଡା ଗ୍ରାମ ପଂଚାୟତ ଓ ହାଡିଆ ଗ୍ରାମ ପଂଚାୟତର ୧୨ଟି ଗ୍ରାମ ସମ୍ପୂର୍ଣ୍ଣ ଭାବେ ଯୋଗାଯୋଗ ବଛିନ୍ନ ହୋଇଛି। ଯଦ୍ୱାରା ସାଧାରଣ ଜନତା, ଶ୍ରମିକ, ବ୍ୟବସାୟୀ ସମସ୍ତଙ୍କ କାମ ବନ୍ଦ ହୋଇଯିବା ସହ ଜାତୀୟ ରାଜପଥକୁ ଲାଗି ରହିଥିବା ଗୃହ ଗୁଡିକରେ ବର୍ଷା ଜଳ ପ୍ରବେଶ କରୁଛି। ଦୀର୍ଘ ୧ ମାସ ହେବ ଏ ଅଂଚଳ ଜନ ସାଧାରଣ ନାହିଁ ନଥିବା ଅସୁବିଧା ର ସମ୍ମୁଖିନ ହେଉଛନ୍ତି। ଏନେଇ ବିଡିଓ, ଉପ ଜିଲାପାଳଙ୍କୁ ବାରମ୍ବାର ଜଣାଯାଇଛି। ତେଣୁ ଆଗାମୀ ୭ ଦିନ ଭିତରେ ରାସ୍ତା , କଲର୍ଭଟ, ନାଳ ନିର୍ମାଣ ନହେଲେ ଜାତୀୟ ରାଜପଥ ୨୬ କୁ ଅବରୋଧ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମର ବିପଦ ଭଞ୍ଜନ ଦାସଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।

ଯୁବ କଂଗ୍ରେସ ତରଫରୁ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ନୂଆପଡା,୨୫/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଯୁବ କଂଗ୍ରେସ ତରଫରୁ ଖଡିଆଳ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି। ଦାବୀପତ୍ରରେ ଖଡିଆଳ ସହର ମଧ୍ୟରେ ପ୍ରମୁଖ ଛକ ତଥା ଜନଗହଳି ସ୍ଥାନ ଥାନା ଛକ, ବଜାରଛକ ଆଦିସ୍ଥାନ ମାନଙ୍କରେ ହେଲମେଟ ଯାଂଚ୍ ନକରି ସହରର ମୁଖ୍ୟ ପ୍ରବେଶ ପଥ ଓ ପାର୍ଶ୍ୱବର୍ତୀ ଗ୍ରାମ ଗୁଡିକର ସଂଯୋଗ ପଥରେ ହେଲମେଟ ଯାଂଚ୍ କରିବା ପାଇଁ ଅନୁରୋଧ କରାଯାଇଥିଲା।

ଏହି ଦାବପତ୍ର ପ୍ରଦାନ ବେଳେ ଜିଲ୍ଲା ଯୁବ କଂଗ୍ରେସ ସଭାପତି କପିଲେନ୍ଦ୍ର ଭୋଇ ଯାଦବ, ଜିଲ୍ଲା ଯୁବ କଂଗ୍ରେସ ମୁଖପାତ୍ର ବିଭୂଦତ ଯୋଷୀ, ଖଡିଆଳ ବିଧାନସଭା ଯୁବ କଂଗ୍ରେସ ସଭାପତି ଚନ୍ଦ୍ରଶେଖର ଡାଣ୍ଡି, ଯୁବ ନଗର ସଭାପତି ପଚାଂନନ ସେଠୀ, ବରିଷ୍ଠ କଂଗ୍ରେସ ନେତା ହିରାଧର ମେହେରଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ପାନପୋଷ ଡାକ୍ତରଖାନାରେ ଟିକାକରଣ ବେଳେ ଦୁର୍ବ୍ୟବହାର ଓ ମନମାନି

ରାଉରକେଲା,୨୫/୬(ନି.ପ୍ର): ରାଉରକେଲାର ପାନପୋଷ ଉପଖଣ୍ଡ ଡାକ୍ତରଖାନାରେ ଚାଲିଥିବା ଟିକାକରଣ ବେଳେ ଲୋକଙ୍କୁ ଦୁର୍ବ୍ୟବହାର ସାଙ୍ଗକୁ ଜଣେ ଯୁବକର ମନମାନି ଓ ତାକୁ ପ୍ରାୟ ସମସ୍ତ ଭଲ୍ୟୁଟିଂୟରଙ୍କ ସହଯୋଗ ସତେ ଯେମିତି ମାଗଣାରେ ଟିକା ନେଲେ ଏହିଭଳି ବ୍ୟବହାର ଓ ମନମାମନି ଦେଖିବାକୁ ଶୁଣିବାକୁ ପଡିବ ବୋଲି ସରକାର ବ୍ୟବସ୍ଥା କରିଥିବା ଭଳି ଲୋକେ ମନେ କରିଛନ୍ତି। ରାଉରକେଲାର ଏହି ଡାକ୍ତରଖାନାରେ ଟିକା ନେବା ସମୟରେ ସାମାଜିକ ଦୂରତା ନଥିବା, ସକାଳୁ ଆସି ବୟସ୍କ ଲୋକେ ଲାଇନ ଦେଇ ଫେରିବା ଭଳି ଅନେକ ଅଭିଯୋଗ ପୂର୍ବରୁ ହୋଇଛି। ତେବେ ଆଜି ଦିନ ପ୍ରାୟ ୧୧ଟା ୧୫ ମିନିଟ୍ ସମୟରେ ଦେଖା ଯାଇଥିଲା, ସିରିଏଲ ନମ୍ବର ୧୨୨ ରେ ଥିବା ବ୍ୟକ୍ତି ନିଜର ୨ୟ ଡୋଜ୍ ଲାଗି ଜିବା ବେଳକୁ ୧୫୦ ନମ୍ବର ବାଲା ମଧ୍ୟ ଚଉକିରେ ବସିଛନ୍ତି। ତେବେ ଖାଲିଥିବା ଚଉକିରେ ଏହି ସିରିଏଲ ନମ୍ବର ବ୍ୟକ୍ତି ବସିଜିବାରୁ ସେଠାରେ ଥିବା ଏହି ଫଟୋରେ ଥିବା ଯୁବକ, କନେଷ୍ଟବଳ ଓ କମ୍ପ୍ୟୁଟରରେ କାମ କରୁଥିବା ମହିଳା ସମସ୍ତେ ମିଶି ଲାଇନରେ ଆସନ୍ତୁ କହିବା ସହ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ପରେ ସେହି ବ୍ୟକ୍ତି ଲାଇନ କଣ, ଏହି ସିରିଏଲ ନମ୍ବର ନାଁ ଆଉକିଛି ପଚାରିବାରୁ ସମ୍ପୃକ୍ତ ଯୁବକ ଜଣକ ଟିକା ଦେବାକୁ କହିଥିଲେ। ପରେ ସେଠାରେ କମ୍ପ୍ୟୁଟରରେ ବସିଥିବା ମହିଳା ଜଣକ ପୁଣି ଯାହା ପାରିଲେ କହିଗଲେ। ପରେ ଏଭଳି ବ୍ୟବସ୍ଥାକୁ ଅନୁଧ୍ୟାନ କରିବାରୁ ଜଣାପଡିଥିଲା ଯେ, ସେଠାରେ ଏକ ର୍ୟାକେଟ କାମ କରୁଛି। ସମ୍ପୃକ୍ତ ଯୁବକ ଓ କିଛି ସହଯୋଗି ମିଶି ତାଙ୍କ ଚାହିଁବା ଅନୁଶାରେ ଲୋକ

ଦୁର୍ଦ୍ଧର୍ଷ ହେଲିକପ୍ଟର

ଯୁଦ୍ଧକ୍ଷେତ୍ରରେ ଦେଶର ସେନାବାହିନୀ ବୀରତ୍ୱର ସହ ଶତ୍ରୁପକ୍ଷକୁ ସାମନା କରନ୍ତି । ଏହି ସମୟରେ ସେମାନଙ୍କୁ ସହଯୋଗ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ହେଲିକପ୍ଟର । ଗୋଟିଏ ଗୋଟିଏ ହେଲିକପ୍ଟର ଏକାଧିକ ସୈନିକଙ୍କ ପରି କାର୍ଯ୍ୟ ତୁଲାଇପାରେ । ଏଗୁଡ଼ିକ ରଣଭୂମିର ଦୁର୍ଦ୍ଧର୍ଷ ଯନ୍ତ୍ର ସୈନିକ କହିଲେ ଅତ୍ୟୁକ୍ତି ହେବନାହିଁ । ନିକଟରେ ଭାରତୀୟ ବାୟୁସେନାରେ ସାମିଲ ହୋଇତ୍ୱବା ଉଡ଼ନ୍ତା ଟ୍ୟାଙ୍କ ଆପାଚେ ହେଲିକପ୍ଟର ସମେତ ବିଶ୍ୱର ପ୍ରମୁଖ ୫ଟି ଲଢୁଆ ହେଲିକପ୍ଟର ସମ୍ପର୍କରେ-

ବୋଇଂ ଏଏଚ ୬୪ ଆପାଚେ:

୨୦ହଜାର ଫୁଟ ଉଚ୍ଚ ପର୍ଯ୍ୟନ୍ତ ଉଡ଼ିପାରୁଥିବା ଆପାଚେ ଶତ୍ରୁଦେଶ ମଧ୍ୟରେ ପଶି ନିମିଷକେ ତାଣ୍ଡବ ରଚିବା ଲାଗି ସକ୍ଷମ । ଏହାକୁ ପିଓକେ ସମେତ ଅନ୍ୟାନ୍ୟ ବିଭିନ୍ନ ଆତଙ୍କବାଦୀ ଆଡ୍ଡାଗୁଡ଼ିକରେ ନିୟୋଜିତ କରାଯିବ । ଆମେରିକୀୟ କମ୍ପାନୀ ଏଏଚ-୬୪ ସାରାବିଶ୍ୱରେ ଏଯାବତ ୨୧୦୦ ଆପାଚେ ହେଲିକପ୍ଟର ଯୋଗାଇ ସାରିଛି । ଏହା ପୂର୍ବରୁ ଭାରତ ବ୍ୟହାର କରୁଥିବା ରୁଷ ନିର୍ମିତ ଏମଆଇ-୩୫ର ସ୍ଥାନ ନେବ ଏବଂ କେବଳ ଆକ୍ରମଣ ଲାଗି ନିୟୋଜିତ ହେବ । କୌଣସି ପ୍ରତିକୂଳ ପାଗ କିମ୍ବା ପରିସ୍ଥିତିରେ ଏହା ସଫଳତାର ସହ କାର୍ଯ୍ୟ କରିପାରିବ । ଏଥିରେ ଦୁଇଟି ଜେନେରାଲ କଲେକ୍ଟିକ୍ ଟି୭୦୦ ଟର୍ବୋଶେଫ୍ ଇଞ୍ଜିନ ଏବଂ ଆଗପଟକୁ ଏକ ସେନସର ରହିଛି ତେଣୁ ରାତିର ଅନ୍ଧକାରରେ ବି ଏହା ଆରାମରେ ଗତି କରିପାରିବ । ୫୧୬୫ କିଲୋଗ୍ରାମ ଓଜନର ଏହି ହେଲିକପ୍ଟରରେ ପାଇଲଟ୍ ବସିବା ପାଇଁ ଦୁଇଟି ସିଟ୍ ରହିଛି । ଯୁଦ୍ଧକ୍ଷେତ୍ରରେ ଯେକୌଣସି ପରିସ୍ଥିତିରେ ଏହା ଶତ୍ରୁପକ୍ଷକୁ ଦୃଢ଼ ଜବାବ ଦେଇପାରିବ । ଉଡ଼ନ୍ତା ଟ୍ୟାଙ୍କ ଭାବେ ପରିଚିତ । ଆପାଚେ ଘଣ୍ଟା ପ୍ରତି ୩୬୫ କିଲୋମିଟର ବେଗରେ ଉଡ଼ିପାରେ । ତେଣୁ ଶତ୍ରୁପକ୍ଷର ବଟ୍ୟାଙ୍କ ଧ୍ୱଂସ କରିବା ଏହା ପାଇଁ ଖୁବ ସହଜ । ଏଥିରେ ହେଲିଫାୟର ଏବଂ ଷ୍ଟିଙ୍ଗର ମିସାଇଲ ଲାଗିବା ସହ ଉଭୟ ପଟେ ୩୦ ଏମଏମର ଦୁଇଟି ବନ୍ଧୁକ ରହିଛି । ଏହି ମିସାଇଲର ପେଲୋଡରେ ତୀବ୍ର ବିସ୍ଫୋରକ ଭର୍ତ୍ତି ହୋଇଥାଏ । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଥିରେ ଲାଗିଥିବା ହେଲମେଟ ମାଉଣ୍ଟେଡ ଡିସପ୍ଲେ, ଇଣ୍ଟିଗ୍ରେଟେଡ ହେଲମେଟ ଏବଂ ଡିସପ୍ଲେ ସାଇଟିଂ ସିଷ୍ଟମ । ଏହା ସହାୟତାରେ ପାଇଲଟ ହେଲିକପ୍ଟରରେ ଲାଗିଥିବା ଅଟୋମେଟିକ ଏମ୨୩୦ ଚେନଗନରେ ଶତ୍ରୁକୁ ଟାର୍ଗେଟ କରିପାରିବେ । ଆମେରିକୀୟ ସେନା ଲାଗି ଆଡଭାନସଡ ଆଟାକ ହେଲିକପ୍ଟର ପ୍ରୋଗ୍ରାମ ପାଇଁ ଏହାକୁ ନିର୍ମାଣ କରାଯାଇଥିବା ବେଳେ ୧୯୭୫ରେ ଏହା ପ୍ରଥମ ଉଡାଣ କରିଥିଲା । ତେବେ ଆମେରିକୀୟ ସେନାରେ ଏହାକୁ ୧୯୮୬ରେ ସାମିଲ କରାଯାଇଥିଲା ।

ୟୁରୋକପ୍ଟର ଟାଇଗର:

ଲଢୁଆ ହେଲିକପ୍ଟରଗୁଡ଼ିକ ମଧ୍ୟରେ ୟୁରୋକପ୍ଟର ଟାଇଗର ଫ୍ରାନ୍ସ ଏବଂ ଜର୍ମାନୀ ଦ୍ୱାରା ମିଳିତ ଭାବେ ନିର୍ମାଣ କରାଯାଇଛି । ଯୁଦ୍ଧ କ୍ଷେତ୍ରରେ ଏହା ବାଘ ଭଳି ଶତ୍ରୁପକ୍ଷରୁ ସାମନା କରିଥାଏ । ଏହାର ରେଞ୍ଜ ୮୦୦ କିଲୋମିଟର ହୋଇଥିବା ବେଳେ ସର୍ବାଧିକ ୬ହଜାର କିଲୋ ବେଗରେ ଗତି କରିପାରେ।

ରଷୀୟ ଲଢୁଆ ହେଲିକପ୍ଟର କାମୋଭ -କେଏ ୫୦ ଏବଂ ୫୨କୁ ବ୍ଲାକ ଶାର୍କ ବୋଲି ବି କୁହାଯାଏ । ଗୋଟିଏ ସିଟ୍ ଥିବା ଏହି ହାଲକା ହେଲିକପ୍ଟର ଖୁବ ଆକ୍ରମଣାତ୍ମକ । ୧୯୮୦ ମସିହାରେ ଏହାକୁ ନିର୍ମାଣ କରାଯାଇଥିଲା । ତେବେ ୧୯୯୫ ମସିହାରେ ରୁଷ୍ ସେନାବାହିନୀରେ ଏହାକୁ ସାମିଲ କରାଗଲା । ଏତ୍ରରେ ପାଇଲଟ୍ ହେଲିକପ୍ଟର ଉଡ଼ାଇବା ସହ ଶତ୍ରୁ ଉପରେ ଆକ୍ରମଣ କରିପାରିବେ । ଅକାରରେ ଛୋଟ ହୋଇଥିବାରୁ ଏହା ଅନ୍ୟ ହେଲିକପ୍ଟର ତୁଳନାରେ ଦ୍ରୁତଗତିରେ ଯାଇପାରେ । ତେଣୁ ଯେତେ କଷ୍ଟକର ଅଭିଯାନ ହେଲେ ମଧ୍ୟ ଏହିଂ ହେଲିକପ୍ଟର ଏହାକୁ ସଫଳତାର ସହ ସମ୍ପୂର୍ଣ୍ଣ କରିପାରିଛି । ଦ୍ରୁତ ଉଡାଣ ପାଇଁ ତିନୋଟି ଲେଖାଏଁ ରୋଟର ବ୍ଲେଡଲଡ୍ ଥିବା ଦୁଇଟି ସିଷ୍ଟମ ସହାୟକ ହୋଇଥାଏ । ପାଇଲଟ୍ ଜରୁରୀକାଳୀନ ସ୍ଥିତିରେ ନିଜ ଜୀବନ ବଞ୍ଚାଇପାରିବା ଲାଗି ଇଜେକସନ ସିଟ୍ ଏତ୍ରରେ ରହିଛି । ଏହା ସର୍ବାଧିକ ୧୦,୮୦୦ କିଲୋ ଓଜନ ବୋହିପାରିବ, ଘଣ୍ଟାପ୍ରତି ୩୧୦ କିଲୋମିଟର ବେଗରେ ଗତି କରିପାରିବ ଏବଂ ୫୨୦ କିଲୋମିଟର ପର୍ଯ୍ୟନ୍ତ ଏହାର ରେଞ୍ଜ ରହିଛି ।

କାମୋଭ-କେଏ-୫୦:

ଏମଆଇ-୨୮ ଏଚ୍:

ଏହା ମଧ୍ୟ ରୁଷୀୟ ହେଲିକପ୍ଟର । ନାଟୋ ଏହାକୁ ହାଭୋକ୍ ବୋଲି ନାମିତ କରିଛି । ଦୁଇଟି ସିଟ୍ ଥିବା ଏହି ଆଣ୍ଟି ଆର୍ମର ଆଟାକ୍ ହେଲିକପ୍ଟର ଯେକୌଣସି ଋତୁରେ ବ୍ୟବହାର କରାଯାଇପାରେ । ଗୁଳି ବାଜିଗୋଲ ବି ଏହା ଉଡ଼ିପାରିବ ।

ଏଥିରେ ଅତ୍ୟାଧୁନିକ ଆଣ୍ଟି ଟ୍ୟାଙ୍କ ମିସାଇଲ ଲାଗିଥିବାବେଳେ ଏହାର ରେଞ୍ଜ ୧୧୦୦ କିଲୋମିଟର ପର୍ଯ୍ୟନ୍ତ । ଏହା ସର୍ବାଧିକ ୧୧୫୦୦ କିଲୋଗ୍ରାମ ଭାର ବହନ କରିପାରୁଥିବାବେଳେ ଘଣ୍ଟା ପ୍ରତି ୩୨୦ କିଲୋମିଟର ବେଗରେ ଉଡ଼ିଥାଏ ।

କଫ ସମସ୍ୟା

♦ଅଧ କପ ଉଷୁମ ପାଣିରେ ଏକ ଚାମଚ ହଳଦି ଗୁଣ୍ଡ, ଏକ ବାମ ଗୋଲମରିଚ ଗୁଣ୍ଡ ଓ ଏକ ଚାମଚ ମହୁ ଫେଣ୍ଟନ୍ତୁ । । ଉଷୁମ କରି ଦିନରେ ଦୁଇଥର ସେବନ କଲେ, ସୁଫଳ ମିଳିବ ।

♦ଅଦାକୁ ଛୋଟ ଛୋଟ ଖଣ୍ଡରେ କାଟି, ଉଷୁମ ପାଣିରେ ପକାଇ, ଦିନରେ ଦୁଇ ତିନିଥର ପିଅନ୍ତୁ। ଅଦା ଫୁଟା ପାଣିରେ ମହୁ ଫେଣ୍ଟି ପିଇଲେ, କଫ, ଛାତି ବ୍ୟଥାଦୂର ହୁଏ ।

♦କଫ, ଗଳା ବ୍ୟଥା ଦୂର ପାଇଁ ଯଷ୍ଟିମଧୁ ଚେର ଉପକାରୀ। ଦୁଇ ଚାମଚ ଶୁଖିଲା ଯଷ୍ଟିମଧୁ ଚେର ଗୁଣ୍ଡକୁ ଉଷୁମ ପାଣିରେ ପକାଇ କୁଳିକରନ୍ତୁ ।

ଦୁଇ କପ୍ ପାଣିରେ ଏକ ଚାମଚ ମହୁ ଓ ଆଠ ଦଶଟି ଗୋଲମରିଚ ପକାଇ ଦଶ ମିନିଟ୍ ଫୁଟାନ୍ତୁ। ସାମାନ୍ୟ ଉଷୁମ ଥିବା ଅବସ୍ଥାରେ ଦିନରେ ଦୁଇଥର ପିଅନ୍ତୁ ।

♦ଚାରିକପ ପାଣିରେ ତିନି ଚାମଚ କଟା ଅଦା ଖଣ୍ଡ, ଏକ ଚାମଚ ଶୁଖିଲା ପୋଦନା ପତ୍ର ଓ ଏକ କପ ମହୁ ଫୁଟାଇ ଛାଣିଦିଅନ୍ତୁ । ଥଣ୍ଡା ହେବା ପରେ ଦିନରେ ତିନିଥର ଦୁଇ ସପ୍ତାହ ଯାଏ ସେବନ କଲେ କଫ ସମସ୍ୟା ଦୂରହୁଏ ।

ଓଜନ ନିୟନ୍ତ୍ରଣର ସରଳ ଉପାୟ

◈ରାତିରେ ୧ଜିଲାସ ଗରମ ପାଣିରେ ୩ଚାମଚ ପାନମଧୁରି ବତୁରାଇ ରଖନ୍ତୁ । ସକାଳୁ ଏହି ପାଣିକୁ ଛାଣି କରି ପିଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ।

◈ଅଧ ଗିଲାସ ଉଷୁମ ପାଣିରେ ୧ଚାମଚ ମହୁ ଓ ୧ଛୋଟ ଚାମ ଡାଲିଚିନି ଗୁଣ୍ଡ ମିଶାଇ ପିଇଲେ ମଧ୍ୟ ଓଜନ ନିୟନ୍ତ୍ରିତ ହୋଇଥାଏ ।

◈ଦୈନିକ ସକାଳୁ ଖାଲିପେଟରେ ୧ ଚାମଚ ଘିଁକୁଆରୀ ରସ ଓ ଅଁଳା ରସକୁ ଅଧ ଗିଲାସ ପାଣିରେ ମିଶାଇ ପିଅନ୍ତୁ ।

◈ସକାଳ ଜଳଖିଆ ଓ ସନ୍ଧ୍ୟା ଜଳଖିଆ ପରେ ଗ୍ରୀନ ଟି ପିଇବା ନିୟମିତ ଏକ ଅଭ୍ୟାସ କରିବା ଉଚିତ ।

◈ବିଭିନ୍ନ ବ୍ୟଞ୍ଜନରେ ଟମାଟୋର ଉପଯୋଗ ଅଧିକ କରନ୍ତୁ । ଏହା ଭୋକ ନିୟନ୍ତ୍ରଣ କରିବା ସହ ଓଜନ ହ୍ରାସ କରିଥାଏ ।

◈ପ୍ରତ୍ୟେକ ଦିନ ବନ୍ଧାକୋବି ବ୍ୟଞ୍ଜନ ଖାଇଲେ ମଧ୍ୟ ଓଜନ ନିୟନ୍ତ୍ରିତ ହେଉଥିବାର ଗବେଷକଙ୍କ ମତ ।

ଘରୋଇ ଟିପ୍ସ

ଘରର ଦାୟିତ୍ୱ ସାଧାରଣତଃ ମହିଳାଙ୍କ ଉପରେ ନ୍ୟସ୍ତ ଥାଏ । ଆଜିର ଯୁଗରେ ମହିଳାମାନେ ଉଭୟ ଘର କାମ ଓ ବାହାର କାମକୁ ସୁଚାରୁ ରୁପେ ତୁଲାଉଥିବାର ଲକ୍ଷ୍ୟ କରାଯାଉଛି । ତେବେ ଘରର ସମସ୍ତ ଖର୍ଚ୍ଚକୁ ଉତ୍ତମ ଭାବେ ନିୟନ୍ତ୍ରଣ କରିବାକୁ କେତୋଟି ଟିପ୍ସ ପାଳନ କରିବା ଉଚିତ ।

✚ ଫ୍ରିଜକୁ କେବେହେଲେ କାନ୍ଥ ସହ ଲଗାଇ ରଖିବେନାହିଁ । କାନ୍ଥଠାରୁ ୨ଇଞ୍ଚ ଛାଡ଼ି କରି ରଖିବା ଆବଶ୍ୟକ । ଏପରି ରଖିଲେ ଫ୍ରିଜକୁ ସମ୍ପୂର୍ଣ୍ଣ ଏୟାର ସର୍କୁଲେସନ ମିଳିବା ସହ ବିଜୁଳି ଖର୍ଚ୍ଚ ୪୦% ହ୍ରାସ ହେବ । ଏହିପରି କାନ୍ଥଠାରୁ ଦୂରେଇ ରଖିବା ଦ୍ୱାରା ବର୍ଷକୁ ୯୬୦ଟଙ୍କା ସଞ୍ଚୟ କରିହେବ ।

✚ରୋଷେଇ କଲାବେଳେ ସମସ୍ତ ପନିପରିବା କଡ଼େଇରେ ପକାଇବା ପରେ ଚୁଲାର ଆଞ୍ଚକୁ କମ କରି ରାନ୍ଧନ୍ତୁ । ଏପରି କରିବା ଦ୍ୱାରା ପରିବା ପୋଡ଼ିବ ନାହିଁ ଓ ୧୦% ଗ୍ୟାସ ସଞ୍ଚୟ ହେବ । ଏହା ଦ୍ୱାରା ଜଣେ ଗୃହିଣୀ ବର୍ଷକୁ ୫୪୦ଟଙ୍କା ସଞ୍ଚୟ କରିପାରିବ ବୋଲି ମତ ପ୍ରକାଶ ପାଇଛି । ଏକ ବିଦେଶୀ ସଂସ୍କାର ମତ ଅନୁସାରେ ଖାଦ୍ୟକୁ ପ୍ରେସରୀ କୁକୁର ସହାୟତାରେ ରାନ୍ଧିବା ବୁଦ୍ଧିମତ୍ତାର କାମ । ଖାଦ୍ୟ ଶୀଘ୍ର ସିଝିବା ସହ ୭୦% ଶକ୍ତି ସଂରକ୍ଷଣ ହୋଇଥାଏ । ଦୈନିକ ପ୍ରେସର କୁକୁରରେ ସମସ୍ତ ଖାଦ୍ୟ ରାନ୍ଧୁଥିବା ଲୋକେ ବର୍ଷକୁ ୫୪୦୦ଟଙ୍କା ସଞ୍ଚୟ କରିଥାନ୍ତି ।

✚ କାରରେ ଜିନିଷପତ୍ର ରଖିଲାବେଳେ ସତର୍କ ରୁହନ୍ତୁ । ୪୫ କିଲୋରୁ ଅଧିକ ଓଜନର ଜିନିଷ ରଖିଲେ ଇନ୍ଧନ ୨% ଅଧିକ ଖର୍ଚ୍ଚ ହୁଏ ।

✚ ପ୍ରତ୍ୟେକ ବ୍ୟକ୍ତି ଟ୍ରାଫିକ ସିଗନାଲରେ ଛିଡ଼ା ହେଲେ ଦୟାକରି ନିଜ ଗାଡ଼ିକୁ ବନ୍ଦ କରନ୍ତୁ । ଏପରି କଲେ ବର୍ଷକୁ ୧୩ହଜାର ଟଙ୍କା ସଞ୍ଚୟ କରିବେ ବୋଲି ଏକ ସର୍ବେକ୍ଷଣରୁ ପ୍ରକାଶ । ଭାରତୀୟ ଲୋକେ ୨%ରୁ କମ ଏହି ନିୟମ ପାଳନ କରିଥାନ୍ତି । ଗୃହିଣୀମାନେ ଘରର ପ୍ରତ୍ୟେକ କକ୍ଷର ବଲବକୁ ଏଲଇଡି ବଲବରେ ପରିବର୍ତ୍ତନ କରିବା ପଦକ୍ଷେପ ଯଥା ଶୀଘ୍ର ନେବା ଆବଶ୍ୟକ । ଏଲଇଡି ବଲବ ୮୦% ବିଜୁଳି ସଞ୍ଚୟ କରିବା ସହ ବର୍ଷ କୁ ୧୨ହଜାର ଟଙ୍କା ସଞ୍ଚୟ କରିଥାଏ ।

✚ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବା ଏସି ଲଗାଇଲେ ସାଧାରଣତଃ ବିଦ୍ୟୁତ ବିଲ ଅଧିକ ଆସିଥାଏ । ତେବେ ଏ ବାବଦରେ ହୋଇଥିବା ସର୍ବେକ୍ଷଣରୁ ପ୍ରକାଶିତ ଯେ ଏସିର ତାପମାତ୍ରାକୁ ୨୪ରୁ ୨୫ ଡିଗ୍ରୀରେ ରଖିଲେ, ବିଲ ଅପେକ୍ଷାକୃତ କମ ଆସିଥାଏ । ଏପରି କଲେ ବିଦ୍ୟୁତ ବିଲ ବର୍ଷକୁ ୫ହଜାର ଟଙ୍କା କମ ଆସୁଥିବାର ପ୍ରକାଶ ।

ସୁସ୍ଥତାର ସୂତ୍ର



ନିକଟରେ ଆମେରିକୀୟ ଗବେଷକ ଦଳ ୧୫୦୦ ଲୋକଙ୍କୁ ସାମିଲ କରି ଏକ ଗବେଷଣା ଆରମ୍ଭ କରିଥିଲେ । ପାଖାପାଖି ୨ବର୍ଷ ଧରି ଅନୁଧ୍ୟାନ ହେବା ପରେ ଜଣାପଡ଼ିଥିଲା ଯେ ନିୟମିତ ଭାବେ କମ କ୍ୟାଲୋରି ଯୁକ୍ତ ଖାଦ୍ୟ ସେବନ କଲେ ଜରେ ବ୍ୟକ୍ତି ସୁସ୍ଥ ଜୀବନଶୈଳୀ ଅତିବାହିତ କରିବ । ୨୧-୫୬ ବର୍ଷ ବିଷୟ ଲୋକଙ୍କୁ ଏଥିରେ ସାମିଲ କରାଯିବା ସହ ସେମାନଙ୍କୁ ନିୟମିତ ଭାବେ ଏକ ଖାଦ୍ୟ ତାଲିକା ଅନୁସାରେ ଭୋଜନ କରିବାକୁ ପରାମର୍ଶ ଦିଆଗଲା । କମ ତେଲରେ ରନ୍ଧା ଖାଦ୍ୟ ସହ ଉଷୁମ ପାଣି ପିଇବା ପ୍ରଥମରୁ କୁହାଗଲା । ସାଲାଡ, ଫଳମୂଳ, ସବୁଜ ପନିପରିବା ଡାଲଟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଲୋକଙ୍କ ମଧ୍ୟରେ କେତେଜଣ ହୃଦଯୋଗୀ ଓ ଉଚ୍ଚରକ୍ତଚାପ ରୋଗୀ ମଧ୍ୟ ଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ୨ବର୍ଷର ଏଭଳି ଖାଦ୍ୟପାନୀୟକୁ ଗ୍ରହଣ କରିବା ପରେ ସେମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇଯାଇଥିଲେ । ଗବେଷକଙ୍କ ମତରେ,ଏହି ଲୋକମାନେ ସମସ୍ତେ କର୍ମଜୀବୀ ଥିଲେ ଏଣୁ ଜିମ ଯିବା କିମ୍ବା ବ୍ୟାୟାମ କରିବା ନିମନ୍ତେ ଏମାନଙ୍କ ପାଖରେ ସମୟ ନଥିଲା । ସେଥିନିମନ୍ତେ ନିୟମିତ ଭୋଜନ ପରେ ସେମାନଙ୍କୁ ୩୦-୪୫ ମିନିଟ ଚାଲିବା ପାଇଁ କୁହାଗଲା । ଏହି ଲୋକମାନଙ୍କ ଓଜନ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବାର ମଧ୍ୟ ଦେଖାଯାଇଛି । ମାସକୁ ଥରୁଟିଏ ଏମାନେ ଜଙ୍କଫୁଡ କିମ୍ବା ଫାଷ୍ଟଫୁଡ୍ ଖୁବ୍ ଅଳ୍ପ ପରିମାଣରେ ଖାଉଥିଲେ । କେବଳ ଏକ ଭିନ୍ନ ସ୍ୱାସ ଅନୁଭବ ନିମନ୍ତେ ଗବେଷକ ମୁଖ୍ୟ ସେମାନଙ୍କୁ ଏହି ପରାମର୍ଶ ଦେଇଥିଲେ ।

ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଚାପଗସ୍ତ

ପୁରୁଷଙ୍କ ତୁଳନାରେ ମହିଳା ଅଧିକ ଚାପଗ୍ରସ୍ତ ବୋଲି କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି । ରିପୋଟରେ କୁହାଯାଇଛି ଯେ ପୁରୁଷମାନେ ମହିଳାଙ୍କ ତୁଳନାରେ ଅଧିକ ଖୁସି ଓ ସୁସ୍ଥ ରହିଥାନ୍ତି ଏହି ସର୍ଭେରେ ୧୫୦୦ ମହିଳା ଏବଂ ପୁରୁଷଙ୍କୁ ସାମିଲ କରାଯାଇଥିଲା । ମହିଳାଙ୍କ ଅପେକ୍ଷା ପୁରୁଷମାନଙ୍କ ଓଜନ ବୃଦ୍ଧି ପାଇବା ସହ ସେମାନେ ଅଧିକ ଖୁସିରେ ରହୁଛନ୍ତି ବୋଲି ସର୍ଭେରୁ ଜଣାପଡ଼ିଥିଲା । ଅପରପକ୍ଷେ ୪୯ ପ୍ରତିଶତ ମହିଳା ଚିନ୍ତାଗ୍ରସ୍ତ ଏବଂ କମ୍ ଖୁସି ଥିବା ବୋଲି ଜଣାପଡ଼ିଥିଲା । ମହିଳାମାନେ ଘରର ଚିନ୍ତା ପୁରୁଷମାନଙ୍କଠାରୁ ଅଧିକ କରିଥାନ୍ତି ଯାହା ତାଙ୍କୁ ଅଧିକ ଚାପଗ୍ରସ୍ତ କରିଥାଏ । ପୁରୁଷମାନେ ଏସବୁକୁ ହାଲକା ଭାବେ ନେଇଥାନ୍ତି । ୬୦ ପ୍ରତିଶତ ପୁରୁଷ ମାସକୁ ଥରେ ଚାପଗ୍ରସ୍ତ ରହୁଥିବାବେଳେ ୬୦ ପ୍ରତିଶତ ମହିଳା ସପ୍ତାହର ଅଧିକାଂଶ ସମୟ ଚିନ୍ତା ଗ୍ରସ୍ତ ରହିଥାନ୍ତି । ମହିଳାଙ୍କ ତୁଳନାରେ ପୁରୁଷମାନେ ୭୦ ପ୍ରତିଶତ କମ ଉଦାସ ହୋଇଥାନ୍ତି । ମହିଳାମାନେ ଅଧିକ ସ୍ୱାସ୍ଥ୍ୟ ସଚେତନ ରହୁଥିଲେ ବି ପୁରୁଷଙ୍କ ତୁଳନାରେ ସ୍ୱାସ୍ଥ୍ୟ ଗତ ସମସ୍ୟା ଅଧିକ ଦେଖାଦେଇଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଆସିଗଲା ଡେଲ୍‌ଟା ପ୍ଲସ୍...

ଯାହା ଆଶଙ୍କା କରାଯାଉଥିଲା ଏବେ ତାହା ସତ୍ୟରେ ପରିଣତ ହୋଇଛି । ଦେଶରେ ସମ୍ଭାବ୍ୟ ତୃତୀୟ ଲହରକୁ ରୋକିବା ସକାଶେ ପୂର୍ବରୁ ପ୍ରସ୍ତୁତ ରହିବାକୁ ଯେଉଁ ଆହ୍ୱାନ ଦିଆଯାଇଥିଲା ଏବେ ରାଜ୍ୟମାନେ ଯୁଦ୍ଧକାଳୀନ ଭିତ୍ତିରେ ସେପରି ପ୍ରସ୍ତୁତିକୁ କାର୍ଯ୍ୟକାରୀ କରିବାରେ ଲାଗି ପଡ଼ିଛନ୍ତି । ତୃତୀୟ ଲହର ନିର୍ଦ୍ଦିଷ୍ଟ ଭାବେ କେବେ ଆରମ୍ଭ ହେବ ତାହାର କୌରସି ଖବର ନାହିଁ । କିନ୍ତୁ ଏହା ସତ୍ୟ ଯେ, ସମ୍ଭାବ୍ୟ ତୃତୀୟ ଲହରରେ କରୋନା ଭୂତାଣୁର ଡେଲଟା ପ୍ଲସ୍ ଭେରିଆଣ୍ଟ ହିଁ ସବୁଠାରୁ ଘାତକ ରୂପ ଧାରଣ କରିପାରେ । ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାରାଷ୍ଟ୍ର, କେରଳ ଏବଂ ମଧ୍ୟପ୍ରଦେଶ ରାଜ୍ୟ ସରକାରଙ୍କୁ ଗତ ତିନିଦିନ ତଳେ କେନ୍ଦ୍ର ପକ୍ଷରୁ ସତର୍କ କରିଦିଆଯିବା ସହ ସେସବୁ ରାଜ୍ୟରେ ଏହାର ମୁକାବିଲା ନିମନ୍ତେ ଯାହା କିଛି କରଣୀୟ ତାହା କରିବାକୁ ପରାମର୍ଶ ଦିଆଯାଇଛି । ମହାରାଷ୍ଟ୍ରର ରତ୍ନଗିରି ଓ ଜଳଗାଓଁ, କେରଳର ପାଲାକ୍କଡ଼ ଓ ପଥନମିଥିଟ୍ଟା ଏବଂ ମଧ୍ୟପ୍ରଦେଶର ଭୋପାଳ ଓ ଶିବପୁରୀ ଜିଲ୍ଲାରୁ ସଂଗ୍ରହ କରାଯାଇଥିବା ନମୁନା ପରୀକ୍ଷା ପରେ ଏହି ଭୟଙ୍କର ଡେଲଟା ପ୍ଲସ୍ ଭେରିଆଣ୍ଟ ଠାବ କରାଯାଇଛି । କେନ୍ଦ୍ର ସରକାରଙ୍କ ଚେତାବନୀ ଅନୁସାରେ କୋଭିଡ-୧୯ ଭୂତାଣୁର ଏହି ବିବର୍ତ୍ତିତ ରୂପ ଏବେ 'ଉଦ୍‌ବେଗର କାରଣ' ବୋଲି ସତର୍କ କରିଦିଆଯାଇଛି । ତେଣୁ ସେହିସବୁ ସ୍ଥାନରେ ତୁରନ୍ତ କଣ୍ଟେନମେଣ୍ଟ ଜୋନ୍ ପ୍ରତିଷ୍ଠା ସହ ଟେଷ୍ଟିଂ, ଟ୍ରାକିଂ ଏବଂ ଟ୍ରିଟ୍‌ମେଣ୍ଟର ବ୍ୟବସ୍ଥା କରାଯିବା ଲାଗି ପରାମର୍ଶ ଦିଆଯାଇଛି । ଏହା କେବଳ ମହାରାଷ୍ଟ୍ର, କେରଳ କିମ୍ବା ମଧ୍ୟପ୍ରଦେଶ ପାଇଁ ଚେତାବନୀ ନୁହେଁ, ସମଗ୍ର ଦେଶ ପାଇଁ ସତର୍କବାଣୀ । ଆଶା କରାଯାଉଥିଲା ଯେ, କରୋନାର ସମ୍ଭାବ୍ୟ ତୃତୀୟ ଲହର ଅକ୍ଟୋବର ମାସ ବେଳକୁ ଭାରତରେ ଦେଖା ଦେଇପାରେ । କିନ୍ତୁ ଦ୍ୱିତୀୟ ଲହର ଶେଷ ନହେଉଣୁ ଏବେତାହା ଆରମ୍ଭ ହୋଇଯିବା ପରି ପ୍ରତୀୟମାନ ହୁଏ । ଦ୍ୱିତୀୟ ଲହର ଉପରେ ଦେଶ ଯେ କାବୁ ପାଇପାରିଛି ତାହା ସୁନିଶ୍ଚିତ । ଏବେ ଦୈନିକ ନୂତନ ସଂକ୍ରମଣ ସଂଖ୍ୟା ପ୍ରାୟ ୫୨ ହଜାର ରହିଥିବା ବେଳେ ଆରୋଗ୍ୟଙ୍କ ସଂଖ୍ୟା ତା'ଠାରୁ ଅଧିକ ରହିଛି ଏବଂ ଆରୋଗ୍ୟ ହାର ୯୬.୬୧ ପ୍ରତିଶତକୁ ବୃଦ୍ଧି ପାଇଛି । ଦେଶରେ ସକ୍ରିୟ ପଜିଟିଭଙ୍କ ସଂଖ୍ୟା ଛଅ ଲକ୍ଷକୁ ଖସିସାରିଛି । ଏହା ନିଶ୍ଚିତ ଭାବେ ଏକ ବିରାଟ ଉପଲବ୍ଧି । କିନ୍ତୁ ଦ୍ୱିତୀୟ ଲହରକୁ ଆୟତ୍ତ କରିବା ସକାଶେ ବେଶ୍ ମୂଲ୍ୟ ଦେବାକୁ ପଡ଼ିଛି । ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ଡାକ୍ତର, ଅନ୍ୟାନ୍ୟ ଚିକିତ୍ସାକର୍ମୀ ଓ ଛାମୁଆ ଯୋଦ୍ଧାଙ୍କ ସମେତ ଲକ୍ଷାଧିକଙ୍କ ଜୀବନ ହାନି ଘଟିଛି । ଦ୍ୱିତୀୟ ଲହର ଭାରତରେ ଯେଉଁଭଳି ତାଣ୍ଡବଲୀଳା ଘଟାଇଛି ତାହା ଅଭୂତପୂର୍ବ ଏବଂ ଏଥିରେ ସମସ୍ତଙ୍କ ସହଯୋଗ୍ୟ ସେତିକି ମାତ୍ରାରେ ପ୍ରଶଂସନୀୟ । ତେଣୁ ତୃତୀୟ ଲହରକୁ ନିୟନ୍ତ୍ରଣ କରିବା ସକାଶେ ଦେଶ ସେହିଭଳି ପ୍ରତିବଦ୍ଧତା ଅବଶ୍ୟ ପ୍ରକଟ କରିବ । ଧୀରେ ଧୀରେ ଦେଶବାସୀ ଏକଥା ହୃଦୟଙ୍ଗମ କରିସାରିଛନ୍ତି ଯେ କରୋନା ମହାମାରୀ କବଳରୁ ରକ୍ଷା ପାଇବାର ସବୁଠାରୁ ବଡ଼ ଅସ୍ତ୍ର ହେଲା ଟିକାଗ୍ରହଣ ଏବଂ ଏଥିପ୍ରତି ନାଗରିକଙ୍କ ମନରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଛି । ତେଣୁ ଦେଶରେ ଆରମ୍ଭ କରାଯାଇଥିବା ବିଶ୍ୱର ସର୍ବବୃହତ୍ ଟିକାକରଣ କାର୍ଯ୍ୟକ୍ରମରେ ଏବେସୁଦ୍ଧା ୩୦ କୋଟିରୁ ଅଧିକ ଲୋକଙ୍କୁ ଟିକାଦାନ ବାସ୍ତବିକ ଅଭୂତପୂର୍ବ । ଏହାକୁ ଏବେ ସାର୍ବଜନୀନ କରାଯାଇଛି ଏବଂ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏବଂ ସବୁ ଆୟୁବର୍ଗର ଲୋକଙ୍କୁ ଏହି ଟିକା ଦେବା କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଖୁବ୍ ଶୀଘ୍ର ଦେଶର ସମସ୍ତ ନାଗରିକଙ୍କୁ ଟିକାକରଣ କରାଯିବ । ତାହା ହେଉଛି କରୋନା ବିରୋଧରେ ଅମୋଘ ଅସ୍ତ୍ର । କିନ୍ତୁ ଏକଥା ମଧ୍ୟ ସ୍ମରଣ ରଖିବାକୁ ହେବ ଯେ, କେବଳ ଟିକାକରଣ ଯଥେଷ୍ଟ ନୁହେଁ । ଟିକାକରଣ ସହିତ ସତର୍କତା ଅବଲମ୍ବନ ମଧ୍ୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସାଧନ । ନିଜେ ସତର୍କ ନରହିଲେ ଏହି ଭୂତାରୁଠାରୁ ନିସ୍ତାର ନାହିଁ । ତେଣୁ ପ୍ରଥମରୁ ମାସ୍କ ପରିଧାନ, ହାତଧୁଆ ଏବଂ ସାମାଜିକ ଦୂରତା ରକ୍ଷା ଭଳି ଯେଉଁ ସତର୍କତା ଅନୁପାଳନ କରିବାକୁ ପରାମର୍ଶ ଦିଆଯାଇଛି, ତାହାକୁ ଜାରି ରଖିବାକୁ ହେବ । ଏହାର କୌଣସି ବିକଳ୍ପ ନାହିଁ । ଆମର ଅବାଧ ବିଚରଣ ଉପରେ ଯେତେ ଅଙ୍କୁଶ ପ୍ରୟୋଗ କରିପାରିବା ସେତେ ନିରାପଦ । ୟୁରୋପୀୟ ରାଷ୍ଟ୍ରମାନେ ଟିକାକରଣ ଏବଂ ଉପଯୁକ୍ତ କୋଭିଡ ଆଚରଣକୁ ଅବଲମ୍ବନ କରି ଏବେ ଏହି ମହାମାରୀ କବଳରୁ ପ୍ରାୟ ମୁକ୍ତ ହୋଇସାରିଲେଣି । ତେଣୁ ଭାରତ ମଧ୍ୟ ତା'ର କରୋନା ବିରୋଧୀ ସଂଗ୍ରାମରେ ବିଜୟୀ ହେବାକୁ ହେଲେ ସେହିଭଳି ଆତ୍ମଶୃଙ୍ଖଳା ଓ ପ୍ରତିବଦ୍ଧତା ପ୍ରକଟ କରିବାକୁ ପଡ଼ିବ ।

ବାରଙ୍ଗନା ...

ସୁଶାନ୍ତ କୁମାର ପଣ୍ଡା

ବାରଙ୍ଗନା !
ସଜେଇ ହୁଏ ପ୍ରତିଦିନ
ଗଭାରେ ମଲ୍ଲୀଫୁଲର ଗଜରା
ଆଖିରେ କଜ୍ଜଳର ଗାର
ଲିପ୍‌ଷ୍ଟିକ ଆଦୃତ ଅଧର ଓ
ହାତରେ ମେହେନ୍ଦିର ସମ୍ଭାର ।
ମନରେ ଆନ୍ଦୋଳିତ ହେଉଥିବା
ପ୍ରତ୍ୟେକ ଶବ୍ଦ-ପ୍ରତିଶବ୍ଦକୁ ଜାବୁଡି ଧରି
ଓଠରେ ମିଛି ମିଛିକା
ମେଂଚାଏ ହସକୁ ପାଥେୟ କରି
ପାଛୋଟି ନିଏ ଗ୍ରାହକକୁ
ନିଜର ପ୍ରକୋଷ୍ଠକୁ
ପ୍ରତ୍ୟେକ ରାତ୍ରି ହୁଏ ବାସର ରାତି
ପ୍ରତିଟି ବିଛଣା ହୁଏ ଫୁଲର ବିଛଣା
ମିଠା ମିଠା ଆଳାପରେ
ଖୁସି କରାଇବାର ପ୍ରୟାସରେ
ନିଜର ସବୁକିଛିକୁ ସମର୍ପି ଦିଏ
ଅଜଣା ନାଗର ପାଖରେ ।
ପୁରୁଷ ଆସେ
ଭୋକ ମେଣ୍ଟାଏ
ସ୍ୱପ୍ନ ଦେଖାଏ
ପୁଣି ଖୋଜିବୁଲେ
ନୂତନ ସାଥି
ପ୍ରତ୍ୟେକ ରାତ୍ରି
କିନ୍ତୁ କେହି କେବେ
ବୁଝିଛି କି ତା'ର ଅନ୍ତରର
ଅକୁହା ବେଦନା
ସ୍ୱପ୍ନିଳ ମନରେ ସାଇତା ଥିବା
ରୂପ-ଗୁଣ ଯୁକ୍ତ ରାଜକୁମାରର କଳ୍ପନା
ଘର-ସଂସାର କରିବାର
ନିଷ୍ପାପ ଭାବନା
କେହି କେବେ ପିନ୍ଧାଇଛିକି
ତା'ର ମଥାରେ ସିନ୍ଦୂର ଓ
ହାତରେ କଙ୍କଣ
ନା ! ବରଂ ତାକୁ
ପ୍ରତିକ୍ଷଣ କରାଯାଇଛି
ଶୋଷଣ, ଭକ୍ଷଣ,
ଯାତନା, ନିର୍ଯ୍ୟାତନା
ଆଉ ତା'ର ପରିଚୟ
ଖୋଜିବୁଲୁଛି
ଏକ ନିଃସଙ୍ଗ ବାରଙ୍ଗନା ।

+ ଅଲାଇଡିହ, ବାଲୁଗାଁ,
ଖୋର୍ଦ୍ଧା
ମୋ-୯୮୫୩୯୭୫୮୫୪

ଡ.ଦୀପ୍ତିମୟୀ ବେହେରା

ଗାନ୍ଧିବାଦର ବାର୍ତ୍ତାବହ ନାଟ୍ୟକାର ରାମଚନ୍ଦ୍ର ମିଶ୍ର

ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ପହଞ୍ଚି ଅତୀତକୁ ଦୃଷ୍ଟି ନିକ୍ଷେପ କଲେ ଯେଉଁ କେତେଜଣ ସମାଜସଚେତକ ଓ ପ୍ରତିଭାବାନ ନାଟ୍ୟକାରଙ୍କ କଥା ମନେପଡେ, ସେମାନଙ୍କ ମଧ୍ୟରେ ସଫଳ ଓ ଆଦର୍ଶବାଦୀ ନାଟ୍ୟକାର ହେଉଛନ୍ତି ରାମଚନ୍ଦ୍ର ମିଶ୍ର । ପୁରୀ ଜିଲ୍ଲାର ଦଶପଲ୍ଲା ନିକଟସ୍ଥ କୁଞ୍ଜବନ ଗଡ଼ରେ ୧୯୨୦ ମସିହା ଅକ୍ଟୋବର ୧୨ ତାରିଖରେ ରାମଚନ୍ଦ୍ର ମିଶ୍ର ଜନ୍ମଗ୍ରହଣ କରିଥିଲେ ଏକ ସଂସ୍କୃତି ସମ୍ପନ୍ନ କୁଳୀନ ବ୍ରାହ୍ମଣ ପରିବାରରେ । ନାଟ୍ୟମୋଦି ପିତା ସ୍ୱର୍ଗତ ବିଦ୍ୟାଧର ମିଶ୍ର ଓ ମାତା ରାଧାରାଣୀ ଦେବୀଙ୍କ ସୁଯୋଗ୍ୟ ସନ୍ତାନ ରୂପେ ଧରାପୃଷ୍ଠରେ କରିଥିଲେ ଅବତରଣ । ପିତା ଆଦର୍ଶ ଶିକ୍ଷକ ତଥା ଅଭିନେତା ଓ ସର୍ବୋପରି ସାହିତ୍ୟାନୁରାଗୀ ଥିବାବେଳେ ମାତା ଥିଲେ ଧର୍ମପରାୟଣା ଓ ନିଷ୍ଠା ଆଦର୍ଶର ଏକ ମୂର୍ତ୍ତିମତୀ ଦେବୀ । ପିତାମାତାଙ୍କର ଆଶୀର୍ବାଦ ଓ ଆଦର୍ଶ ସମୟକ୍ରମେ ପୁତ୍ର ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରାଇବାରେ ଖୋରାକ ଯୋଗାଇଥିଲା । ତେଣୁ ତରୁଣ ବୟସରୁ ସେ ପାଇଥିଲେ ଧୂରୀଣ ନାଟ୍ୟକାରର ପରିଚୟ । ଯେଉଁ ବୟସରେ ସାଙ୍ଗସାଥୀଙ୍କ ସହ ମଉଜମଜଲିସ କରିବାର କଥା ସେହି ବୟସରୁ ହିଁ ସେ କବିତା ଓ ଗଳ୍ପ ଲେଖାରେ ମନୋନିବେଶ କରିଥିଲେ । ସେ କେବେ ଭାବି ନଥିଲେ ଯେ ଦିନେ ସଫଳ ନାଟ୍ୟକାର ହୋଇ ବାହାରିବେ ବୋଲି । ସ୍ୱାଧୀନତା ପୂର୍ବରୁ ୫ ବର୍ଷ ଓ ପରେ ୪୫ ବର୍ଷ ପର୍ଯ୍ୟନ୍ତ ସିଏ ଯାହା ସମାଜର ରୂପରଙ୍ଗକୁ ଦେଖିଛନ୍ତି ବା ଅନୁଭବ କରିଛନ୍ତି ସେହି ଜୀବନାନୁଭୂତିକୁ ଉପସ୍ଥାପନ କରିଛନ୍ତି ତାଙ୍କ ନାଟକ ଗୁଡ଼ିକ ମାଧ୍ୟମରେ ।

କଲେଜ ପଢ଼ା ସମୟରେ ଯୁବକ ରାମଚନ୍ଦ୍ର ନାଟ୍ୟାଚାର୍ଯ୍ୟ କାଳୀଚରଣ ପଟ୍ଟନାୟକଙ୍କ ନୂତନ ସାମାଜିକ ନାଟକ 'ଗାର୍ଲସ୍କୁଲ' ଓ 'ଆହୂତି' ନାଟକ ପ୍ରଭୃତିକୁ ଦେଖି ସମାଲୋଚନା କରିଥିଲେ । ଯାହାଫଳରେ କି ନାଟ୍ୟକାର କାଳୀଚରଣ ମନ୍ତବ୍ୟ ଦେଇଥିଲେ - 'ସମାଲୋଚନା ଅପେକ୍ଷା ନାଟକ କରି ଦେଖେଇ ଦେଲେ ବାହାଦୂରୀ ଜଣାଯାଆନ୍ତା' । କାଳୀବାବୁଙ୍କର ଏପରି ମନ୍ତବ୍ୟ ନାଟକ ଲେଖିବା ପାଇଁ ଖୋରାକ ଯୋଗାଇଥିଲା ତରୁଣ ରାମଚନ୍ଦ୍ରଙ୍କୁ । ସ୍ୱାଭିମାନୀ ରାମଚନ୍ଦ୍ରଙ୍କ ଲେଖନୀ ମୁନରୁ ଝରି ଆସିଥିଲା ପ୍ରଥମ ନାଟକ 'ଅଭିମାନ' ୧୯୪୨ ମସିହାରେ । ସବୁଠୁ ଖୁସିର କଥା କି ଏହି ନାଟକରେ ନାୟକ ଭୂମିକାରେ ଅଭିନୟ କରିଥିଲେ ଯଶସ୍ୱୀ ଶକ୍ତିଶାଳୀ ନାଟ୍ୟକାର ଗୋପାଳ ଛୋଟରାୟ । ୧୯୪୩ ମସିହାରେ ରଚିତ ହୁଏ ତାଙ୍କର ଦ୍ୱିତୀୟ ନାଟକ 'ମ୍ୟାନେଜର'। ତା'ପରେ ତାଙ୍କ ରଚିତ 'ମୂଲିଆ' ନାଟକ ଏତେ ମାତ୍ରାରେ ସଫଳତା ତାଙ୍କୁ ଆଣିଦେଇଥିଲା ଯେ, ସଫଳ ନାଟ୍ୟକାର ଭାବେ ସେ ପ୍ରତିଷ୍ଠିତ ହୋଇପାରିଥିଲେ ସମଗ୍ର ଓଡ଼ିଶାରେ । ଏହାପରେ ଅର୍ଥାତ ୧୯୫୦ ମସିହାଠାରୁ ଗୋଟେ ପରେ ଗୋଟେ ସାର୍ଥକ ନାଟକ ଭେଟି ଦେଇଯାଇଛନ୍ତି ଓଡ଼ିଆ ନାଟ୍ୟଜଗତକୁ । 'ଘର ସଂସାର', 'ଭାଇ ଭାଉଜ', 'ସାଇ ପଡ଼ିଶା', 'ସେବିକା', 'ଚାବୁକ', 'ନରୋତ୍ତମ ଦାସ କହେ', 'କବିସୂର୍ଯ୍ୟ', 'ନାଟକ ରୀତିମତ', 'ମମତା', 'ଗୋଧୂଳିଲଗ୍ନ' ପ୍ରଭୃତି ନାଟକର ନାମ ଉଲ୍ଲେଖଯୋଗ୍ୟ । ନାଟ୍ୟକାରଙ୍କର ବହୁ ନାଟକ ୧୯୫୦ ମସିହା ପରଠାରୁ ୧୯୬୦ ମସିହା ମଧ୍ୟରେ ପ୍ରକାଶ ପାଇଥିବାରୁ କେତେକ ସମାଲୋଚକ ଏହି ସମୟକୁ ଓଡ଼ିଆ ନାଟକର ଏକ 'ସୁବର୍ଣ୍ଣ ଯୁଗ' ବୋଲି ନାମିତ କରିଥିଲେ । ଏହି ସୁବର୍ଣ୍ଣ ଯୁଗର ମହାନାୟକ ହେଲେ ନାଟ୍ୟକାର 'ରାମଚନ୍ଦ୍ର ମିଶ୍ର'। ଖାଲି ସିଏ ନାଟ୍ୟକାର ନୁହଁନ୍ତି ବରଂ କେତେକ ନାଟକରେ ଅଭିନେତା ସାଜି ଅଭିନୟ ମଧ୍ୟ କରିଛନ୍ତି ।ଞ୍ଚ ମଞ୍ଚ ଉପରେ । ପେଶାଦାର ଅଭିନେତା ନ ହେଲେ ବି ସୌଖିନ କଳାକାର ଭାବେ ସୁନ୍ଦର ଅଭିନୟ କରି ବାହାବାହା ନେଇଛନ୍ତି ଦର୍ଶକଙ୍କର।

ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ନାଟ୍ୟକାର ମିଶ୍ର ପାପକୁ ଘୃଣା କରିଛନ୍ତି ହେଲେ ପାପୀକୁ ନୁହେଁ । ସେ ଜାଣିଛନ୍ତି ମନୁଷ୍ୟ ହେଉଛି ଅମୃତର ସନ୍ତାନ । ତେଣୁ ମନୁଷ୍ୟ ହୃଦୟକୁ ସଂକୀର୍ଣ୍ଣ ସ୍ୱାର୍ଥର ଗଳଗଣ୍ଡି ମଧ୍ୟରୁ ପରିବର୍ତ୍ତନ କରାଇ ସମୂହସ୍ୱାର୍ଥ ନିମନ୍ତେ ମହାଭାରତୀୟ ମହାନୁଭବ 'ବସୁଧୈବ କୁଟୁମ୍ବକଂ' ନୀତିରେ ଚଳିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯଦିଓ ସେ ଜାଣିଛନ୍ତି ସାମ୍ପ୍ରତିକ ସମାଜରେ ଏକାନ୍ନବର୍ତ୍ତୀ ପରିବାର ହୋଇ ଚଳିବା ସମ୍ଭବ ନୁହେଁ ତଥାପି ସେ ଯଥାସମ୍ଭବ ଚେଷ୍ଟା କରିଛନ୍ତି ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧରେ ବାନ୍ଧି ରଖିବାକୁ । ଏଥିପ୍ରତି ସଚେତନ ରହି ଅଭିଜ୍ଞତା ଓ ଅନୁଭୂତିକୁ ପୁଞ୍ଜି କରି ସତ୍ୟ, ଶିବ ଓ ସୁନ୍ଦରର ପ୍ରଶସ୍ତି ଗାନ କରିଛନ୍ତି । ସକଳ ପ୍ରକାର ଅସାରତା ଅତୃପ୍ତିର ତଳେ ଲୁଚି ରହିଥିବା ମୂଲ୍ୟବୋଧକୁ ଖୋଜିଛନ୍ତି । ସମାଜ ଜୀବନରୁ ଅନ୍ଧ ବିଶ୍ୱାସ, କୁସଂସ୍କାର, ଦୁର୍ନୀତିକୁ ମୂଳପୋଛ କରି ଗାନ୍ଧିବାଦର ପତାକା ତଳେ ଆଶ୍ରୟ ନେଇ ଗ୍ରାମ୍ୟଜୀବନର ସଂଗଠନ ଉପରେ ଗୁରୁତ୍ୱ ଦେଇ ଏକ ଶୋଷଣମୁକ୍ତ ଶାନ୍ତିମୈତ୍ରୀମୟ ସମାଜ ଗଠନ କରିବାର ପରିକଳ୍ପନା କରିଛନ୍ତି ।

ନାଟ୍ୟଜୀବନର ପ୍ରଥମ ପୁଷ୍ପ 'ଅଭିମାନ' ୧୯୪୨ ମସିହାଠାରୁ ଆରମ୍ଭ ହୋଇ ଶେଷ ପୁଷ୍ପ 'ଅର୍ଥ ଅନର୍ଥ' ୧୯୯୨ ମସିହା ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ନୂତନ ଆଶା ଓ ସମ୍ଭାବନାକୁ ନେଇ ଯେଉଁ ଅମୂଲ୍ୟ ନାଟ୍ୟସମ୍ପଦଗୁଡ଼ିକ ଓଡ଼ିଆ ନାଟ୍ୟଜଗତକୁ ଭେଟି ଦେଇଯାଇଛନ୍ତି ସେଥିପାଇଁ ସେ ହୋଇଛନ୍ତି ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ । ୧୯୭୩ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ୧୯୭୪ ମସିହାରେ ଏକାମ୍ର ଥିଏଟର୍ସ ପୁରସ୍କାର, ୧୯୭୫ ମସିହାରେ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ ଭୁବନେଶ୍ୱର ଦ୍ୱାରା 'ଘର ସଂସାର' ଚଳଚ୍ଚିତ୍ରର ଶ୍ରେଷ୍ଠ ଲେଖକ ଭାବେ ସମ୍ମାନିତ, ଏହିପରି ଅନେକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ କରାଯାଇଥିଲା ସମ୍ମାନିତ ଓ ସମ୍ବର୍ଦ୍ଧିତ। ନାଟ୍ୟକାର ଶ୍ରୀ ମିଶ୍ର ବହୁ ସମ୍ମାନର ଅଧିକାରୀ ହୋଇଥିଲେ ମଧ୍ୟ ମନରେ ନ ଥିଲା ତାଙ୍କର ଟିକିଏ ହେଲେ ଗର୍ବ କି ଅହଙ୍କାର ବରଂ ଏକ ସାଧାରଣ ମଣିଷ ଭାବେ ଦେଉଥିଲେ ନିଜର ପରିଚୟ । ସର୍ବତ୍ର ସେ ଥିଲେ ଏକ ସମ୍ମାନିତ ବ୍ୟକ୍ତିତ୍ୱ । ଭାରତୀୟ ସଂସ୍କୃତି ଓ ଆର୍ଯ୍ୟ ଚେତନାରେ ସେ ଥିଲେ ଜାଗ୍ରତ ପ୍ରହରୀ ।

ଏପରି ଜଣେ କ୍ରାନ୍ତିକାରୀ ନାଟ୍ୟକାରଙ୍କ ହେଲା ଅକାଳ ତିରୋଧାନ । ତାଙ୍କ ଜୀବନ ଦୀପ ଲିଭି ଯାଇଥିଲା ୧୯୯୨ ମସିହା ଜୁନ ମାସ ୨୬ ତାରିଖରେ । ଓଡ଼ିଆ ସାରସ୍ୱତ ଜଗତ ହରାଇ ଦେଇଥିଲା ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର । ଆଜି ସିନା ସେ ଧରାପୃଷ୍ଠରେ ନାହାଁନ୍ତି ସତ; ହେଲେ ତାଙ୍କର ସେହି ଅମ୍ଳାନ ସୃଷ୍ଟିସମ୍ପଦ ତାଙ୍କୁ ଯୁଗଯୁଗ ଧରି ବଞ୍ଚାଇ ରଖିବ; ଏଥିରେ ସନ୍ଦେହ ନାହିଁ । ସେହି ପଥିତଦଶା ନାଟ୍ୟକାରଙ୍କୁ କୋଟିକୋଟି ପ୍ରଣାମ ।

+ କୋଏଲ ନଗର,
ରାଉରକେଲା

ଡକ୍ଟର ଶ୍ରୀହରି ପଣ୍ଡା

ମହାପ୍ରଭୁଙ୍କ ଅନବସର ନୀତି

ସ୍ନାନ ପୂର୍ଣ୍ଣିମା ଦିନ ସ୍ନାନବେଦୀରୁ ଠାକୁରମାନେ ବାହୁଡିବାଠାରୁ ଆଷାଢ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନ ଅନବସର ବା ଅଣସର ନାମରେ ଖ୍ୟାତ । ଏହି ପନ୍ଦର ଦିନ ଶ୍ରୀଜଗନ୍ନାଥଙ୍କର ଦର୍ଶନ ନିଷେଧ । ସ୍କନ୍ଦପୁରାଣରେ ଉଲ୍ଲେଖ ଅଛି, "ତତଃ ପଞ୍ଚଦଶାହାନି ସ୍ନାନାନ୍ତେ ମମ ସତ୍ତମ୍ । ସ୍ୱରୂପାଂ ବା ବିରୂପାଂ ବା ନ ପଶ୍ୟନ୍ତେ୍ ପ୍ରତିମାଂ ମମ ॥ ଯଃ ପଶ୍ୟେଦନବସରେ ଜଗନ୍ନାଥଂ ବିମୂଢଧୀଃ । ତତ୍ତ୍ୱାରି ତସ୍ୟ ନସ୍ୟନ୍ତି ଚାୟୁପ୍ରଜ୍ଞା ଯଶୋବଳମ୍ ॥" ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁ ଶୀତଳ ଜଳରେ ସ୍ନାନ କରିଥିବାରୁ ସାଧାରଣ ମନୁଷ୍ୟ ଯେପରି ଅଧିକ ଗାଧୋଇଲେ ଜ୍ୱରରେ ପଡନ୍ତି ସେହିପରି ଭଗବାନ ମଧ୍ୟ ଜ୍ୱରରେ ପଡନ୍ତି । ଜ୍ୱରରେ ପଡି ଯେପରି ରୋଗୀ ଚିକିତ୍ସକଙ୍କ କଥାନୁସାରେ ଚଳେ ଠିକ୍ ସେହିପରି ପ୍ରଭୁ ମଧ୍ୟ ଶ୍ରୀମନ୍ଦିରରେ ଅନବସସରେ ରହି ସେବା ନିଅନ୍ତି । ଏହି ସମୟରେ ତାଙ୍କୁ ଅନ୍ନ ପ୍ରସାଦ ଦିଆନଯାଇ ଦୁଗ୍ଧ,ସରପଣା,ଫଳମୂଳ ମଣୋହି ନୈବେଦ୍ୟ କରାଯାଏ । ଜ୍ୱରରୁ ଆରୋଗ୍ୟ ନିମନ୍ତେ ଔଷଧ ଦିଆଯାଏ । ବେଲ, ସ୍ୱନାକ, ଗମ୍ଭାରୀ, ପାଟଳା ଓ ଅଗ୍ନିବଥୁ ଏବଂ ମାଳପର୍ଣ୍ଣୀ, ପୁଷ୍ପୀପର୍ଣ୍ଣୀ, ବୃହତୀ, କଣ୍ଟକାରୀ ଓ ଗୋଖରା ଆଦି ଦଶମୂଳ ମୋଦକ ଦିଆଯାଏ ଫଳରେ ସନ୍ନିପାତ ରୋଗୀ ମହାପ୍ରଭୁଙ୍କର ବାତ, ପିତ୍ତ ଓ କଫ ତ୍ରିଦୋଷ ନାଶ ହୋଇଥାଏ । ଜ୍ୱରର ପ୍ରକୋପ ଶାନ୍ତ କରିବା ନିମନ୍ତେ ଶ୍ରୀଜୀଉଙ୍କର ମୁଖାରବିନ୍ଦରେ ବିଭିନ୍ନ ପ୍ରକାର ପ୍ରଲେପ ଦିଆଯାଏ । ଶ୍ରୀଚନ୍ଦନ, ରକ୍ତ ଚନ୍ଦନ, କୃଷ୍ଣ ଅଗରୁ, ହିଙ୍ଗୁଳ, ହରିତାଳ, କର୍ପୂର, କସ୍ତୁରୀ, ତୁଳସୀ ଇତ୍ୟାଦି ପ୍ରଲେପ ଜ୍ୱର ସମୟରେ ଲଗାଯାଏ । ଏହି ଔଷଧ ପ୍ରଭୁଙ୍କ ଘରୋଇ ବୈଦ୍ୟ ପ୍ରଦାନ କରିଥାନ୍ତି । ଏହି ପନ୍ଦର ଦିନ ମହାପ୍ରଭୁ କବାଟ କିଳି ଚୁପ୍ ହୋଇ ଶୋଇଥାନ୍ତି । ଭାତ ଖାଆନ୍ତିନି, ପଥି ଖାଆନ୍ତି, ଔଷଧ ଖାଆନ୍ତି, ୧୧ ଦିନରେ ଖଳି ଲାଗିହୁଏ । ଅମାବାସ୍ୟାରେ ପ୍ରଭୁଙ୍କ ଶରୀର ସୁସ୍ଥ ହୁଏ, ପ୍ରଭୁ ପୁଣି ନୂଆ ରୂପରେ ଭକ୍ତମାନ



କାର୍ତ୍ତିକ ସାଇଁ

ରାମାୟଣ ଟୁଙ୍ଗି (୨)

ରାମନାମର ମହତ୍ତ୍ୱ

ମିନା ଅପା ପିଲାମାନଙ୍କୁ ରାମାୟଣ କଥା କହିବେ- ଏକଥା ନରହରିପୁର ଗାଁରେ ପ୍ରଚାରିତ ହୋଇଗଲା। ଗାଁରେ ସବୁଘରେ ବାପା ମା ପିଲାମାନଙ୍କୁ ତାଗିଦ୍ କଲେ, ଘରେ ପାଠ ପଢ଼ ନ ପଢ଼- ମିନା ଅପାଙ୍କ ରାମାୟଣ କଥା ନିଶ୍ଚୟ ଶୁଣିବ।

ନରହରିପୁର ଗାଁର ମଝିମଝିଆ ଭାଗରେ ଗ୍ରାମ ପାଠାଗାର ଅବସ୍ଥିତ। ପାଠଗାରର ଦକ୍ଷିଣ ଦିଗକୁ ନଦୀ ବଂଧ ଓ ତାଠାରୁ ଅଳ୍ପ ଦୂରରେ ଦେବୀ ନଦୀ। ସଂଜ ହେଲା ମାତ୍ରେ ଦକ୍ଷିଣ ଦିଗରୁ ସୁଲୁସୁଲିଆ ପବନ ବୋହେ। ବାସୁଦେବ ପାଠାଗାରର ଦୁଇଟି ବଡ଼ କୋଠରି ଅଛି। ଗୋଟିଏରେ ବହି ଥାକରେ ଥୁଆ ହୋଇଛି। ଅନ୍ୟଟି ଟିକେ ବଡ଼ ଯେଉଁଠି ତିରିଶ ଚାଳିଶ ଜଣ ଲୋକ ବସିପାରିବେ।

ମିନା ଅପାଙ୍କ ସଭା ଗୃହକୁ ଆସିବା ଆଗରୁ ପିଲାମାନେ ଆସିବା ଆରମ୍ଭ କରିଦେଇଥିଲେ। ମିନା ଅପା ସଂଜ ହେବା ଆଗରୁ ଆସିଗଲେ ଓ ରାମାୟଣ ଟୁଙ୍ଗି ପିଲାରେ ଭରିଗଲେ।

ଅପା ନମସ୍କାର। ମିନା ଅପା ଆସିବାମାତ୍ରେ ପିଲାମାନେ ଛିଡ଼ା ହୋଇ ମିନା ଅପାଙ୍କୁ ଅଭିବାଦନ ଜଣାଇଲେ।

ତମମାନଙ୍କୁ ଆର୍ଶୀବାଦ କରୁଛି। ବାସୁଦେବ ତୁମମାନଙ୍କୁ ସୁସ୍ଥ ଓ ସୁଖୀ ରଖନ୍ତୁ। ଭଲ ମଣିଷ କରନ୍ତୁ।

ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ପିଲାମାନେ, ମହାପ୍ରଭୁ ରାମଚନ୍ଦ୍ରଙ୍କ କାହାଣୀ ବହୁତ ଚମତ୍କାର କାହାଣୀ। ଶ୍ରୀରାମ ଜଣେ ଉତ୍ତମ ପୁତ୍ର ଥିଲେ, ଉତ୍ତମ ପୁରୁଷ ଥିଲେ ଓ ଜଣେ ଶ୍ରେଷ୍ଠ ରାଜା ଥିଲେ। ତାଙ୍କ କାହାଣୀରୁ ବା ରାମାୟଣ କଥାରୁ ଆମେମାନେ ବହୁତ କଥା ଶିଖିବା ଯାହା ଆମ ଜୀବନର ମାର୍ଗଦଶନ କରିବ।

ରାମାୟଣ କଥା ଶୁଣିବାକୁ ପ୍ରସ୍ତୁତ ତ?

ମିନା ଅପାଙ୍କ ପ୍ରଶ୍ନରେ ସବୁ ପିଲା କହି ଉଠିଲେ -ହଁ ଅପା।

ସଂଧ୍ୟା ହୋଇ ସାରିଥିଲା। ମିନା ଅପା ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲେ। ତାଙ୍କ ସହିତ ପିଲାମାନେ ମଧ୍ୟ ଶ୍ରୀରାମଙ୍କୁ ସ୍ମରଣ କରି ପ୍ରଣାମ କଲେ ଓ କହିଲେ- ଜୟ ଶ୍ରୀରାମ।

ପିଲାମାନେ ! ଆମ ପବିତ୍ର ଭାରତବର୍ଷରେ ତିନୋଟି ପୁରାଣ ବହୁତ ବିଖ୍ୟାତ। ସେ ସବୁ ହେଲା ରାମୟାଣ, ମହାଭାରତ ଓ ଭାଗବତ ପୁରାଣ। ରାମାୟଣର ରଚୟିତା ମହର୍ଷି ବାଲ୍ମିକୀ। ମହର୍ଷି ବାଲ୍ମକୀ ରାମାୟଣ ସଂସ୍କୃତରେ ଲେଖିଥିଲେ। ଭାରତରେ ବିଭିନ୍ନ ପ୍ରାନ୍ତରରେ ଭାଷା ଉନ୍ନତ ହେଲାପରେ ସେ ସବୁ ଭାଷାରେ ରାମାୟଣ, ମହାଭାରତ ଓ ଭାଗବତ ପୁରାଣ ଲେଖା ହେଲା। ଓଡ଼ିଶାରେ ବଳରାମ ଦାସଙ୍କ ଜଗମୋହନ ରାମାୟଣ ବା ଦାଣ୍ଡି ରାମାୟଣ ସର୍ବ ବୃହତ୍ତ ରାମାୟଣ। ଏହା ମଧ୍ୟ ସର୍ବପ୍ରାଚୀନ ବୋଲି ଅନେକ ଲୋକ ମତ ରଖନ୍ତି। ତାଙ୍କ ଛଡ଼ା ବିଭିନ୍ନ ସମୟରେ ଓଡ଼ିଶାର ଆହୁରି ଅନେକ ସାଧକ ରାମାୟଣକୁ ଓଡ଼ିଆରେ ଲେଖିଛନ୍ତି। ତାଙ୍କ ମଧ୍ୟରୁ ପଣ୍ଡିତ ଶ୍ରୀ ରତ୍ନାକର ଗର୍ଗବଟୁଙ୍କ "ବାଲ୍ମୀକି ରାମାୟଣ" ବହୁତ ଲୋକପ୍ରିୟ। ମୁଁ ସେଇ ରାମାୟଣର ଅନୁସରଣ କରି ସବୁ କଥା କହିବି। ଅବଶ୍ୟ ମୁଁ ଅନ୍ୟ ରାମାୟଣ ପଢ଼ିଛି। ସେ ସବୁ କଥା ମଧ୍ୟ କହିବି।

ଆମ ଜାତିର ଜନକ ମହାତ୍ମା ଗାନ୍ଧିଙ୍କର ରାମନାମରେ ପ୍ରଗାଢ଼ ବିଶ୍ୱାସ ଥିଲା ଓ ସେ ରାମନାମ ଜପରେ ବିଶ୍ୱାସ କରୁଥିଲେ। ତାଙ୍କୁ ଜଣେ ଇଂରେଜ ପ୍ରାଦ୍ରୀ ଖ୍ରୀଷ୍ଟିଆନ କରିବାକୁ ଚେଷ୍ଟା କରିଥିଲେ।। ମାତ୍ର ମହାତ୍ମାଗାନ୍ଧୀଙ୍କର ନିଜ ଧର୍ମ ଉପରେ ଅତୁଟ ବିଶ୍ୱାସ ଥିଲା। ରାମନାମର ମହତ୍ତ୍ୱ କହିବାକୁ ଯାଇ ଗାନ୍ଧିଜୀ ତାଙ୍କ ପିଲାଦିନର ଗୋଟେ ଘଟଣା କହିଥିଲେ। ତାଙ୍କ ଘରେ ଜଣେ ଧାଇ ଥିଲେ ଯାହାଙ୍କ ନାମ ଥିଲା ରମ୍ଭା। ରମ୍ଭା ମୋହନଙ୍କୁ ଥରେ କହିଲେ- ଯେତେବେଳେ ଡର ଲାଗିବ- ସେତେବେଳେ ରାମ ରାମ ଜପ କରିବ। ସବୁ ଭୟ ଛାଡ଼ିଯିବ। ଗାନ୍ଧିଜୀ ପରେ ଲେଖିଥିଲେ- ପିଲାବେଳେ ରାମନାମ କିପରି କାମ କରିଥିଲା। ତାଙ୍କର ମନେ ନାହିଁ, ମାତ୍ର ବଡ଼ ହେଲାପରେ ରାମନାମ ଏକ ଅମୋଘ ଅସ୍ତ୍ର ପରି କାମ କରିଥିଲା। ମନର ନିୟନ୍ତ୍ରଣ ଲାଗି ରାମନାମ ଜପ ରାମବାଣ ପରି କାମ କରିଥିଲା। ଗାନ୍ଧିଜୀ ଏକଥା ମଧ୍ୟ କହିଥିଲେ- ଯେପରି ରାମନାମ ଜପ ତାଙ୍କ ପାଇଁ ରାମବାଣ ପରି କାମ କରିଥିଲା, ସେହିପରି ଅନ୍ୟମାନେ ତାଙ୍କ ଧର୍ମର ମନ୍ତ୍ର ବା ଜପର ସାହାଯ୍ୟ ନେଇ ସମାନ ଫଳ ପାଇ ପାରିବେ।

ପିଲାମାନେ, ମୁଁ ତୁମମାନଙ୍କୁ ରାମାୟଣ କଥା କହିବି। ତୁମେମାନେ ମଧ୍ୟ ମହାତ୍ମାଗାନ୍ଧିଙ୍କ ପରି ରାମନାମ ବା ଅନ୍ୟ ମନ୍ତ୍ର ଜପ କରି ତୁମ ମନକୁ ନିୟନ୍ତ୍ରଣ କରି ପାରିବ। ମନରେ ଏକାଗ୍ରତା ଆସିଲେ ତୁମେମାନେ ସବୁ କାମ ଭଲରେ କରିପାରିବ ଓ ଖୁସିରେ ରହିପାରିବ। ମହାପ୍ରଭୁ ରାମଙ୍କ ଜୀବନୀରେ ଅଛି ଅପୂର୍ବ ପିତୃଭକ୍ତି। ଭାତୃ ବତ୍ସଳତା, ଭଲ ମଣିଷର ଗୁଣ, ରାମରାଜ୍ୟର ପରିକଳ୍ପନା, ପ୍ରଭୁଭକ୍ତି, ଅଧର୍ମ ଓ ଅନ୍ୟାୟ ଉପରେ ଧର୍ମ ଓ ନ୍ୟାୟର ବିଚାର। ସମାଜରେ ସବୁ ମଣିଷଙ୍କ ଭିତରେ ଭଲ ସଂପର୍କ ରହିଲେ ତାକୁ ରାମରାଜ୍ୟ କୁହାଯାଏ। ସମାଜରେ ସମସ୍ତେ ନିଜର କର୍ତ୍ତବ୍ୟ ଠିକ୍ ଭାବରେ କଲେ ରାମରାଜ୍ୟ ପ୍ରତିଷ୍ଠିତ ହୁଏ। ମହତ୍ମାଗାନ୍ଧୀ ଭାରତରେ ରାମରାଜ୍ୟର ପରିକଳ୍ପନା କରିଥିଲେ।

ତେବେ ଯାହାହେଉ, ଆଜି ଆମେମାନେ ରାମାୟଣର କଥାସ୍ରୋତରେ ବିଶ୍ୱାସ କରିବା । ଆସନ୍ତାକାଲିଠାରୁ ତୁମମାନଙ୍କୁ ମୁଁ ରାମାୟଣ କଥା କହିବି। ମୋ କଥା ଶେଷରେ ତୁମେମାନେ ତୁମ ମନରେ ଥିବା ସନ୍ଦେହ ଦୂର କରିବ। ରାମାୟଣ କଥା ତୁମମାନଙ୍କୁ ବହୁତ ଭଲ ଲାଗିବ।

ସେଦିନ ରାମାୟଣ ଟୁଂଗିରେ କଥା ସେଇଠି ସରିଥିଲା।

+ମୋ: ୯୯୮୦୩୦୦୭୫୧

କବିତା

ତୁମ ପାଇଁ

ଜଳ ସଂରକ୍ଷଣ

ଅମରନାଥ ବାରିକ୍

ଦିନେ ଗଲା ଟୁଆଁ ଗାଆଁ ବୁଲିବାକୁ
ଟୁଇଁକୁ ସାଥିରେ ନେଇ
ବୁଲାବୁଲି ସାରି ପହଁଚିଲେ ଗାଆଁ
ମୁଣ୍ଡ ନଳକୂପ ଠାଇଁ ।
ଦେଖିଲେ ସେଠାରେ ଗାଆଁ ପିଲା ମିଳି
ପାଣିକୁ କରନ୍ତି ନଷ୍ଟ
ନବୁଝି ପାଣିର ମହତ୍ତ୍ୱ ହୁଅନ୍ତି
ଦୂରାଚାର ପରି ଦୁଷ୍ଟ ।
କହିଲେ ବୁଝାଇ ଟୁଆଁ ଆଉ ଟୁଇଁ
ଶୁଣ ଭାଇ ଆମ କଥା
ପାଣିଟି ଆମର ମହାନ ସମ୍ପଦ
ନକରିବା ତାକୁ ବୃଥା ।
ଜଳଟି ଜୀବନ ଜାତୀୟ ସମ୍ବଳ
ତା' ବିହୁନେ ନାହିଁ ଗତି
ରଖ ସୁରକ୍ଷିତ ଏହାର ପ୍ରତିଟି
ବିନ୍ଦୁରେ ଅମୂଲ୍ୟ ଶକ୍ତି ।
ପାଣି ଥିଲେ ସିନା ବଞ୍ଚିବ ପରାଣ
ଅଭାବ ନୋହିଁ ପାନୀୟ
କରିବା ସଞ୍ଚୟ ବହୁଳ ଭାବରେ
ହେବା ସଚେତ ନିଶ୍ଚୟ ।
ଶୁଣି ପିଲାମାନେ ଟୁଆଁ ଟୁଇଁ କଥା
ବୁଝିଲେ ପାଣିର ମର୍ମ
କରିଲେ ପ୍ରତିଜ୍ଞା ନକରିବା ପାଇଁ
ଏମିତିକା ଅପକର୍ମ ।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ଖରାଦିନ ଖରାବେଳ

ଧ୍ରୁବଚରଣ ଘିବେଲା

ଖରାଦିନ ଖରା ବେଳ
ଖରା କରେ କଳବଳ
ଖରା ତାତି ଅସମ୍ଭାଳ
ଦେହୁ ଝରେ ଝାଳ ଝର।
ସୂରୁଯ ମୁଣ୍ଡ ଉପର
ନିଆଁ ପ୍ରାୟ ସୂର୍ଯ୍ୟ କର
ଖରଖରା ନିଆଁ ଝୁଲ
ସରବେ ହ୍ୟୁନ୍ତି ବିକଳ।
କେବେ ପୁଣି ବହେ ଝାଂଜି
ଦେହ ହୁଏ ଏଠି ଭାଜି
ଦିନବେଳ ହେଜି ହେଜି
ଦୁଃଖକୁ ହୁଏ କି ତେଜି।
ପବନ ହିଁ ମାରେ ଝାଳ
ଯେତେ ବହୁ ଝାଳ ଝର
ଥଣ୍ଡା ପବନ ଡଉଲ
ବହୁଥିଲେ ନିରନ୍ତର।
ପଖାଳ ଭାତ ସୁଆଜ
ଖରାଦିନରେ ସୁଖଦ
ଖରାଦିନର ସେ ଖାଦ୍ୟ
ମନରେ ଭରେ ଉଷତ।
ଖରାଦିନ ବେଳ କାଳ
ଆଣେ ଅବସର ବେଳ
ଖାଇପିଇ ଗଡ଼ପଡ଼ା
ଅବା ଲୁଡୁ ତାସ ଖେଳ।
ଖରା ସଂଜ ନଈ କୂଳ
ମନ୍ଦ ମନ୍ଦ ବାଆ ଭଲ
ସୁଲୁସୁଲିଆ ବାଆର
ଦେହଛୁଆଁ ଲାଗେ ଭଲ।

+ ବୌଦ୍ଧ, ବଉଦରାଜ-୭୬୨୦୧୪
(ମୋ) ୯୪୩୭୪୭୮୪୬୬

ନାଆଁଟି ଆମ କାଉ

ଧୀରେନ୍ଦ୍ର ମଲ୍ଲିକ

ନାଆଁଟି ଆମ କାଉ
ସକାଳ ହେଲେ ଚାଳରେ ବସି
ହରଷେ ରାବୁ ଥାଉ।
ନାଆଁଟି ଆମ କାଉ
ଖାଇବା ଖୋଜି ଆଣିବା ପାଇଁ
ଗାଆଁ ଗାଁ ଉଡ଼ି ଯାଉ।
ନାଆଁଟି ଆମ କାଉ
ଭାରି ବୁଦ୍ଧିଆ ସାହସୀ ବୋଲି
ଆନନ୍ଦେ ଗୀତ ଗାଉ।
ନାଆଁଟି ଆମ କାଉ
ଏକାଠି ହୋଇ ବିଚାର କଲେ
ଭାବନ୍ତି ରାଉ ରାଉ।
ନାଆଁଟି ଆମ କାଉ
ମଳ, ପଚା ସଡ଼ା ମଲା ଜୀବକୁ
ଘୃଣା ନକରି ଖାଉ।
ନାଆଁଟି ଆମ କାଉ
ସଫା ସୁତୁରା ରଖି ସମାଜ
ବହୁ ଆନନ୍ଦ ପାଉ।
ନାଆଁଟି ଆମ କାଉ
ଉପକାରଯେ କରୁ ତୁମର
ନ'ରଖି ମନେ ଭାଉ।
ନାଆଁଟି ଆମ କାଉ
ତୁମରି ହିତେ ଜନମ ଆମ
ସାଧୁନା କେବେ ଦାଉ।

+ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ମୋ-୭୯୦୪୩୯୨୬୮୬

ଦେବୀ ସିଏ ମୋର

ପ୍ରଶାନ୍ତ କୁମାର ଦାଶ

ତା କଅଁଳ ହାତ ଦୁଧ ମିଶା ଭାତ
ସରାଗେ ଦେଲେ ସେ ଖୋଇ
ଗୀତ ଶୁଣୁ ଶୁଣୁ ଆସିଯାଏ ନିଦ
ତା କୋଳେ ପଡେ ମୁଁ ଶୋଇ ।

ଅଳି ଅରଦଳି ଅଝଟ ପଣକୁ
ନିମିଷକେ କରେ ଦୂର
ତା ଲାଗି ହସଇ ଆମ ଛୋଟ ଘର
ସତେକି ସରଗ ପୁର ।

ସେନେହ ଆଦର ଶରଧାକୁ ତାର
ପାରୁନି ସହଜେ ଭୁଲି
ମୋର ହସ ହସ ମୁହଁକୁ ଦେଖି ସେ
ଗରବେ ଉଠଇ ଫୁଲି ।

ଖରା ବରଷାରେ ଅଦିନ ସଂଜରେ
ଢାଂକି ସେ ପଣତ ତାର
ପୋଛିଦିଏ ଦୁଇ ଆଖିତଳୁ ଯଦି
ଝରିଯାଏ ଲୁହଧାର ।

ସଞ୍ଜ ସଳିତାରେ ସୁଖ ମନାସଇ
ବିଭୂଙ୍କ ପାଖରେ ନିତି
ବୁଲାଇ ଦେଲେ ମୋ ଦେହରେ ତା ହାତ
ସବୁ ଦୁଃଖ ହୁଏ ଇତି ।

ନ ଶୋଇ ନ ବସି ଅତି ହରଷରେ
ଘରର ପାଇଟି ସାରେ
ରାତି ବଢିଗଲେ ନିଦରେ ଶୁଅଇ
ସଭିଏଁ ଶୋଇଲା ପରେ ।

ସରଗ ପୁରର ଡେବିଟିଏ ମୋର
ଅତି ଆପଣାର ମାଆ
ତା ଲାଗି ସହିବି ଦୁଃଖ ଝଡ଼ ଝଞ୍ଝା
ଅଦିନ ବରଷା ବାଆ। ।

+ କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
(ମୋ) ୯୬୬୮୮୨୨୧୯୦

ଆସିଛି ଦ୍ୱିତୀୟ ଲହର

ଶିଶିର କୁମାର ପଣ୍ଡା

କେତେ ଭାବିଥିଲି ରଜରେ ଏ ସନ
ପାନ ଖାଇ ଗାଆଁ ବୁଲିବି
ସାଙ୍ଗସାଥି ନେଇ କୁଆଁସ ଡିହରେ
ମନଇଚ୍ଛା ଦୋଳି ଝୁଲିବି ।
ସବୁତ ଫସର ଫାଟିଲା
କରୋନା ରୋଗର ଦ୍ୱିତୀୟ ଲହର
ସାରା ଦେଶଟାକୁ ଘାଣ୍ଟିଲା ।
ତୁଣ୍ଡି ହଟୁନାହିଁ ମୁହଁରୁ ଆମର
ଖୋଲୁନି ଦୋକାନ ବଜାର
ବିକଳ ଅବସ୍ଥା କି ଅବା କହିବି
ଲୁଙ୍ଗି ଖଣ୍ଡେ ନାହିଁ ଅଜାର ।
ଆଇ କଥା କିବା କହିବା
କହୁଛି ପଛକେ ନଖାଇ ମରିବା
କୋଲପ ପକେଇ ରହିବା ।
ଠାକୁରେ କରନ୍ତୁ କାହାର ଆଉ ଏ
ରୋଗରେ ନହେଉ ମରଣ
ସାବଧାନ ହୋଇ ରହିବା ତାଙ୍କର
ପାଦପଦ୍ମେ ନେଇ ଶରଣ
ନହେଉ ରଜ କି ଦଶରା
ବଞ୍ଚିଥିଲେ ବାବୁ ଛାଆଁକୁ ଖୋଲିବ
ଆମପାଇଁ ସୁଖ ପସରା ।

+ କୁଆଁସ , ମେରଦା କାଟିଆ , ଯାଜପୁର
(ମୋ) ୮୯୮୧୭୩୭୨୨୮

ଶୁଣରେ ପିଲାଏ

ପ୍ରଦୀପ୍ତ ଆଚାର୍ଯ୍ୟ

ଶୁଣରେ ପିଲାଏ କହେ କଥାଟିଏ,
ତୁମ ଆମ ହିତ ପାଇଁ,
ପୃଥିବୀ ପୃଷ୍ଠରୁ ଅମ୍ଳଜାନ ହ୍ରାସ,
ଯାଉଅଛି ପରା ହୋଇ।
ସହରେ ନଗରେ ବାୟୁ ପ୍ରଦୁଷଣ,
ମାତ୍ରା ବଢି ଯାଇଅଛି,
ପ୍ରକୃତି ପ୍ରଦତ୍ତ ଅମ୍ଳଜାନ ଆଜି
ବିକ୍ରି ଆରମ୍ଭ ହୋଇଛି।
କଂକ୍ରିଟ ଜଙ୍ଗଲ ଯାଉଅଛି ବଢି
ସବୁଜିମା ହୁଏ ଧ୍ୱଂସ,
ସଜାଗ ନହେଲେ ମନୁଷ୍ୟ ସମାଜ
ହୋଇଯିବ ନିଶ୍ଚେ ନାଶ।
ବୃକ୍ଷ ହିଁ ଜୀବନ ଦିଏ ଅମ୍ଳଜାନ
ଏକଥା ସର୍ବେ ଜାଣିଛ,
ଆସିଲା ବରଷା ନକରି ବିଳମ୍ବ
ଆସ ଲଗାଇବା ଗଛ।
ଗଛଟେ ଲଗାଇ ବଂଚାଇ ପାରିଲେ
ନିଶ୍ଚୟ ହୋଇବ ପୂଣ୍ୟ,
ଆମ ଭବିଷ୍ୟତ ହେବ ସୁରକ୍ଷିତ
ନହେଲେ ଯିବ ଜୀବନ।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

ପିଲାଙ୍କ ଉପନ୍ୟାସ : ଭାଗ-୯

ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ



୫. ପାଗଳା ବାବା ଓ ଟାଇମ୍ ମେସିନ୍

ଗାଁର ପଛପଟେ ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର । ଶସ୍ୟକ୍ଷେତ୍ର ଯେଉଁଠି ସରିଛି ସେଇଠି ରହିଛି ଛୋଟ ମୁଣ୍ଡିଆ ପାହାଡଟିଏ । ପାହାଡ ସେପାଖରେ ଜଙ୍ଗଲ ।

ମୁଣ୍ଡିଆ ପାହାଡ ପାଦ ଦେଶରେ ପ୍ରାୟ ୧୦ ଏକର ଜମି ଚାରିପଟେ ବିଶାଳକାୟ ପାଚେରି ବୁଲିଚି । ପାଚେରି ଉପରେ ତାରବାଡ । ମୁଖ୍ୟଗେଟ୍‌ରେ ବନ୍ଧୁକଧାରୀ ଦୁଇଜଣ ଦରୱାନ ଥାଆନ୍ତି । ଭିତରକୁ ପ୍ରବେଶ କଲେ ଅନେକ ଛୋଟବଡ ଗଛଲତା ଭରା ବଗିଚାଟିଏ ।

ବଗିଚା ପାର୍ଶ୍ୱରେ କେତେଗୁଡିଏ ଛୋଟଛୋଟ କ୍ୱାର୍ଟର । ପ୍ରାୟ ୧୦-୧୫ ଜଣ ଲୋକ ଏଠି ରହନ୍ତି । ସେମାନେ ସମସ୍ତେ ଏହି ସ୍ଥାନକୁ ଜଗିରହିଥାଆନ୍ତି ସୁରକ୍ଷାକର୍ମୀ ସାଜି । ଏ କ୍ୱାର୍ଟରଗୁଡିକ ପରେପରେ ଆଉ ଏକ ପାଚେରି ରହିଛି । ପ୍ରଥମ ପାଚେରିଠାରୁ ଏ ପାଚେରିର ଉଚ୍ଚତା ଢେର୍ ଅଧିକ । ଅନୁମାନ କଲେ ଡେଙ୍ଗା ନଡିଆ ଗଛର ଅଧା ହେବ । ସେଠାରେ ମଧ୍ୟ ଦୁଇଜଣ ବନ୍ଧୁକଧାରୀ ସବୁବେଳେ ଥାଆନ୍ତି ସେପଟକୁ ବାହାର ଲୋକ ଯିବା ନିଷେଧ ।

ଏହି ନିଷିଦ୍ଧାଚଂଳରେ ଏକ ବିଶାଳ କୋଠା ଅଛି । ଏହି କୋଠାଘରକୁ ଜଣେ ମାତ୍ର ଲୋକ ଯାତାୟତ କରନ୍ତି । ସେ ହେଲେ ପାଗଳାବାବା । ତାଙ୍କ ପ୍ରକୃତ ନାମ ଶୈଳେଶ ଚୌଧୁରୀ । ବୟସ ପ୍ରାୟ ୬୦ ପାଖାପାଖି ହେବ । ମୁଣ୍ଡ ଚୁଟିତକ ପାଚି ଝୋଟ, ଫୁର୍ ଫୁର୍ ହୋଇ ଉଡୁଥାଏ ସବୁବେଳେ । ବେଶପୋଷାକ ଅତି ସାଧାରଣ । କେତେବେଳେ ପରିଷ୍କାର ପରିଚ୍ଛନ୍ନ ନଥାଏ ପ୍ରତ୍ୟେକ ଦିନ ଗାଧାନ୍ତି କି ନା ତାହା କେବଳ ସେହି ଜାଣନ୍ତି । ସେ କାଳେ ଜଣେ ବୈଜ୍ଞାନିକ । ଅଧିକାଂଶ ସମୟ କହିଲେ ଭୁଲ୍ ହେବ ଦିନଦିନ ମାସମାସ ଧରି ସେ ସେହି ନିଷିଦ୍ଧାଚଂଳ ମଧ୍ୟରେ ଥିବା କୋଠା ଘରେ ରୁହନ୍ତି । କୋଠାଘରେ ବାହାରକୁ ଲାଗିଥିବା ଆଉ ଏକ ରୁମ୍‌ରେ ତାଙ୍କ ଖାଦ୍ୟପଦାର୍ଥ ନେଇ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ରଖି ଆସେ । ସେହି ବଡ କୋଠାଘର ନିକଟକୁ କେହି ଯାଆନ୍ତି ନାହିଁ । ଭିତରେ କଣ ଅଛି ଆଉ କିଏ ଅଛି କେହି କହିପାରିବେନାହିଁ । ସେ ଥିବାବେଳେ ଭିତରପଟୁ ବନ୍ଦଥାଏ ଆଉ ନଥିଲାବେଳେ ବାହାରପଟ ବନ୍ଦ ଥାଏ; ଯାହା ସାଧାରଣ ଚାବିରେ ଖୋଲିବା କଷ୍ଟ ସାଧ୍ୟ । କାନ୍ଥପରି ତ ଦିଶେ, ତାକୁ କୋଉ ଚାବିରେ ବା ଖୋଲିବ !

ସେ ବୈଜ୍ଞାନିକ । ଗବେଷଣା କରୁଛନ୍ତି । କାହା ଉପରେ ଗବେଷଣା କରୁଚନ୍ତି ଅର୍ଥାତ୍ ତାଙ୍କ ଗବେଷଣାର ସନ୍ଦର୍ଭ ବିଷୟରେ କେହି ଜାଣନ୍ତିନି । ଅନ୍ୟ କେହି ଜାଣିବା କଥା ଛାଡ ତାଙ୍କ ଦୁଇ ଭାଇ ମଧ୍ୟ ଜାଣନ୍ତି ନାହିଁ । ବଡଭାଇ କାନାଡାରେ ଡାକ୍ତର ଅଛନ୍ତି । ସେଠାକର ସ୍ଥାୟୀ ବାସିନ୍ଦା ସେ । ସାନ ଭାଇ ଦିଲ୍ଲୀରେ ଇଞ୍ଜିନିୟର । ସେମାନେ କେବେ ଗାଁକୁ ଆସନ୍ତି ନାହିଁ । ଗାଁ ଭିତରେ ଏକ ପୁରୁଣା କୋଠା ଅଛି । ସେଠି ତାଙ୍କ ଜମିଜମା ବୁଝୁଥିବା ସୁନା କୋଠିଆ ରହେ । ତାଙ୍କ ବାପା ବଂଚିଥିବା ଯାଏ ବେଳେବେଳେ ଦି' ପୁଅ ଗାଆଁକୁ ଆସୁଥିଲେ । ପିତାଙ୍କ ଅନ୍ତେ ଗାଁରେ ଆଉ କେହି ରହନ୍ତିନି । ଶୈଳେଶବାବୁ ତ ଅବିବାହିତ । ନା ଛୁଆପିଲା ନା ସଂସାର ଅଛି । ମାସକେ ଥରେଅଧେ ଗାଁରେ ପଶି ବାହାରି ଯାଆନ୍ତି । ଦଣ୍ଡେ ବସନ୍ତିନି କି ଗାଁ ଲୋକଙ୍କ ସହ ଦୁଖସୁଖ ହୁଅନ୍ତିନି । ସବୁବେଳେ ନିଜ ଭାବନା ରାଜ୍ୟରେ ଥାଆନ୍ତି । କେହି କିଛି ପଚାରିଲେ ଆବାକାବା ହେଇ ଚାହାନ୍ତି ନହେଲେ ମୁରୁକି ହସି ଦିଅନ୍ତି । ତାଙ୍କ ହାବଭାବ ଦେଖି ଲୋକେ ତାଙ୍କୁ ପାଗଳ ଭାବନ୍ତି । କିନ୍ତୁ ଗାଁର ଛୋଟ ପିଲାଙ୍କ ସହ ସେ ମିଶନ୍ତି । ପିଲାମାନଙ୍କୁ ଚକୋଲେଟ୍, ବିସ୍କୁଟ୍, ମିଠା ଆଣି ବାଂଟନ୍ତି ତାଙ୍କ ବଗିଚାର ତଟକା ପାଚିଲା ଫଳମୂଳ ବି ଆଣି ଦିଅନ୍ତି । ଏଣୁ ପିଲାମାନେ ତାଙ୍କୁ ବହୁତ ଭଲପାଆନ୍ତି ଏବଂ ଶ୍ରଦ୍ଧାରେ ଡାକନ୍ତି ପାଗଳାବାବା । କିନ୍ତୁ ଗାଁର ପିଲାଠୁ ବୁଢା କେହି ତାଙ୍କ ପାହାଡ ତଳି ରହଣି ସ୍ଥାନକୁ ଯାଆନ୍ତିନି । ସେଠାରେ ଥିବା ମୋଟାସୋଟା ଦରୱାନଙ୍କୁ ଯେତିକି ନ ଡରନ୍ତି ଗାଁର ଗୁଜବକୁ ହିଁ ବେଶି ଡରନ୍ତି । ଲୋକ ଗୋଟିକେ କଥା ଗୋଟିଏ ଚର୍ଚ୍ଚା ଚାଲେ ଗାଁ ସାରା । ଏହାର ନିର୍ଯାସ ହେଲା - ପାଗଳ ପରି ଅଭିନୟ କଲେ ବି ସେ ଜଣେ ବଡ ତାନ୍ତ୍ରିକ । ଯାଦୁ-ତନ୍ତ୍ର-ମନ୍ତ୍ର ଯୋଗୁଁ ସେ ଜାଗାଟା ଖାଁ ଖାଁ ଲାଗେ । ଯିଏ ସେଠାକୁ ଯାଏ ସେ କଦାପି ଫେରେନା । ଗାଁ ଲୋକ ଏହାର ନାଁ ଦେଇଛନ୍ତି ନିଷିଦ୍ଧାଚଂଳ ।

ମନୀଷ କିନ୍ତୁ ଏହି ନିଷିଦ୍ଧାଚଂଳକୁ ବହୁତ ଥର ଆସିଛି ତା ମାମୁ ସଂଗ୍ରାମ ବାବୁଙ୍କ ସହ । ଶୈଳେଶବାବୁଙ୍କ ସାଙ୍ଗ ହେଲେ ସଂଗ୍ରାମବାବୁ । ଏଣୁ ପାଗଳାବାବାଙ୍କ ସହ ତାଙ୍କର ମଧ୍ୟ ଭଲ ଭାବ । ସେ ନଥିଲା ବେଳେ ମଧ୍ୟ ଭିତରକୁ ଯାଇ ବୁଲାବୁଲି କରିବାର ଅନୁମତି ତାକୁ ମିଳେ । ସେଠାକାର କର୍ମଚାରୀମାନେ ମଧ୍ୟ ତାକୁ ବହୁତ ଭଲପାଆନ୍ତି । କାହିଁକି ବା ଭଲ ନ ପାଇବେ ?

(କ୍ରମଶଃ)

+ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦

ରଶ୍ମିରଞ୍ଜନ ପୃଷ୍ଠି

ଅମାନିଆ ଛୁଆ

ଅଗନାଅଗନି ବନସ୍ତ। ସେଇଠି ଥାଆନ୍ତି ଅନେକ ଜୀବଜନ୍ତୁ। ସେମାନଙ୍କ ଭିତରେ ହରିଣୀଟିଏ ତା'ର ଏକମାତ୍ର ଛୁଆକୁ ନେଇ ରହୁଥାଏ।

ଦିନକର କଥା ହରିଣୀର ଛୁଆ ତା' ମାଆ ପାଖରେ ଅଳି କଲା ବାହାରକୁ ଯାଇ ଟିକିଏ ବୁଲି ଆସିବ ବୋଲି। ହେଲେ ମାଆ ତାକୁ ବାରଣ କରି

ସରକାର ପ୍ରଶାସକଙ୍କ ହାତରେ ଶିକ୍ଷା ବ୍ୟବସ୍ଥା ଟେକିଦେଲେ : ଶୈକ୍ଷିକ ମହାସଂଘର ବିରୋଧ

କଟକ,୨୫/୬ (ନି.ପ୍ର): ରାଜ୍ୟ ସରକାର ଉଚ୍ଚଶିକ୍ଷା ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଅଧିକାରୀମାନଙ୍କୁ ନିଯୁକ୍ତି ଦେବା ପାଇଁ ନେଇଥିବା ନିଷ୍ପତିକୁ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ତରଫରୁ ଘୋର ବିରୋଧ କରାଯାଇଛି। ମହାସଂଘ ପକ୍ଷରୁ ଆଜି ଏଠାରେ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, ରାଜ୍ୟ ସରକାର ଏଣିକି ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତଥା ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ଏବଂ ପାଠ୍ୟପୁସ୍ତକ ପ୍ରକାଶନ ଓ ବିପଣନ ସଂସ୍ଥାର ନିର୍ଦ୍ଦେଶକ, ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟର କୁଳସଚିବ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂସ୍ଥାନ ଏବଂ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ନିର୍ଦ୍ଦେଶକ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ ଏବଂ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସମ୍ପାଦକ ପଦବୀରେ ଶିକ୍ଷାବିତ ଙ୍କ ବଦଳରେ ଓଏଏସ ଅଧିକାରୀମାନଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତି ନେଇଛନ୍ତି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚଳିତ ମାସ ୯ ତାରିଖରେ ପ୍ରକାଶିତ ଏକ ସଂକଳ୍ପରୁ ଏହା ଜଣାଯାଇଛି।ଶିକ୍ଷା ବ୍ୟବସ୍ଥାକୁ ଅମଲାତାନ୍ତ୍ରିକ ପ୍ରଭାବରୁ ମୁକ୍ତ ରଖିବା ପାଇଁ ନୂତନ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଥିବାବେଳେ ରାଜ୍ୟ ସରକାରଙ୍କର ଏହି ନିଷ୍ପତି ଶିକ୍ଷାକ୍ଷେତ୍ରକୁ ବିଶେଷ ଭାବେ ପ୍ରଭାବିତ କରିବ। ଏଥିଯୋଗୁଁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଅଧିକ ବିପର୍ଯ୍ୟସ୍ତ ହୋଇପଡ଼ିବାର ଆଶଙ୍କା ରହିଛି। ତେଣୁ ସରକାର ନିଷ୍ପତିର ପୁନର୍ବିଚାର କରି ଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ପୂର୍ବପରି ଶିକ୍ଷାବିତ ମାନଙ୍କୁ ନିଯୁକ୍ତି ଦେବା ପାଇଁ ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି ଦାବି କରିଛନ୍ତି।

ସାମୁଦ୍ରିକ ବାଣିଜ୍ୟ ବିକାଶ ପରିଷଦର ୱେବିନାର

ଭୁବନେଶ୍ୱର, ୨୪ ଜୁନ (ହି.ସ.) - ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ସାମୁଦ୍ରିକ ବାଣିଜ୍ୟ ଅଭିବୃଦ୍ଧି ନିମନ୍ତେ ଜଳପଥ ପରିବହନକୁ ସଂପ୍ରସାରିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । କେନ୍ଦ୍ର ସରକାର ୫ ନଂ ଜାତୀୟ ଜଳପଥ ନେଇ କାର୍ଯ୍ୟ କଲେ ଓଡ଼ିଶାରେ ପରିବହନ ଓ ବନ୍ଦର ବିକାଶ କ୍ଷେତ୍ରରେ ଅଧିକ ଉନ୍ନତି ପରିଲକ୍ଷିତ ହେବା ସହ ତତ୍ ?ଜନିତ ଆର୍ଥିକ ବୋଝ ହ୍ରାସ ପାଇବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ଉଲ୍ଲେଖ କରିଛନ୍ତି । ପ୍ରତିଦ୍ୱନ୍ଦିତାମୂଳକ ବଜାରରେ ଜଳମାର୍ଗ ପରିବହନ ଶିଳ୍ପ ଅଭିବୃଦ୍ଧି ତଥା ବାଣିଜ୍ୟରେ ଅଧିକ ସହାୟକ ହେବ ବୋଲି ସେ କହିଛନ୍ତି । କେନ୍ଦ୍ର ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମନ୍‌ସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ଜାହାଜ ପରିବହନ ଓ ଜଳମାର୍ଗ ମନ୍ତ୍ରାଳୟ ଅଧୀନସ୍ଥ ଉପକୂଳବର୍ତ୍ତୀ ରାଜ୍ୟ ଉନ୍ନୟନ ପରିଷଦର ଅଷ୍ଟାଦଶ ବୈଠକରେ ଅଂଶଗ୍ରହଣ କରି ମନ୍ତ୍ରୀ ଶ୍ରୀ ବେହେରା ଓଡ଼ିଶାରେ ବନ୍ଦର ସଂଯୋଗୀକରଣ ନେଇ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକ ଉପରେ ସୂଚନା ଦେଇଥିଲେ । ଭାରତୀୟ ବନ୍ଦର ବିଲ୍‌୨୦୨୧ ସଂପର୍କରେ ରାଜ୍ୟସ୍ତରରେ ବ୍ୟାପକ ଆଲୋଚନା ଓ ବିଚାରବିମର୍ଶ ହେବା ପରେ ଯାଇ ଓଡ଼ିଶା ତା'ର ମତାମତ ଜଣାଇବ ବୋଲି ମନ୍ତ୍ରୀ କହିଛନ୍ତି । ଇତି ମଧ୍ୟରେ ଗତ ଫେବୃଆରୀ ମାସରେ ବିଧାନସଭାରେ ପାରିତ ହୋଇଥିବା ରାଜ୍ୟ ସାମୁଦ୍ରିକ ବିଲ୍‌ରେ ଥିବା ପ୍ରାବଧାନଗୁଡ଼ିକୁ ମଧ୍ୟ ଭାରତୀୟ ବନ୍ଦର ବିଲ୍‌ରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ମନ୍ତ୍ରୀ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଓଡ଼ିଶାର ବନ୍ଦରଗୁଡ଼ିକ ପାଇଁ ରେଳପଥ ଓ ସଡ଼କ ସଂଯୋଗୀକରଣ ଉପରେ ମନ୍ତ୍ରୀ ଶ୍ରୀ ବେହେରା ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପାରାଦୀପ ବନ୍ଦରକୁ ହରିଦାସପୁର ରେଳ ଷ୍ଟେସନ୍‌ରୁ ଏକ ନୂଆ ରେଳପଥ ସଂଯୁକ୍ତ ହେବା ଫଳରେ ବନ୍ଦରର ପଣ୍ୟ ପରିବହନ କ୍ଷମତା ବାର୍ଷିକ ପ୍ରାୟ ୨୦ ନିୟୁତ ଟନ୍ ବୃଦ୍ଧି ପାଇଛି। ଇତି ମଧ୍ୟରେ ଓଡ଼ିଶା ସରକାର ୨୦୦୪ ରାଜ୍ୟ ବନ୍ଦର ନୀତି ଅନୁସାରେ ଘରୋଇ ସହଭାଗିତା କ୍ରମେ ଧାମରା ଓ ଗୋପାଳପୁର ବନ୍ଦର କାର୍ଯ୍ୟାରମ୍ଭ କରିଛନ୍ତି । ଏହା ବ୍ୟତୀତ ସୁବର୍ଣ୍ଣରେଖା, ଅସ୍ତରଙ୍ଗ ଓ ମହାନଦୀ ରିଭରାଇନ୍ ପରି ତିନୋଟି କ୍ଷୁଦ୍ର ବନ୍ଦରର ବିକାଶ କାର୍ଯ୍ୟ ଚାଲିଛି । ୨୦୨୦-୨୧ ଆର୍ଥିକ ବର୍ଷରେ ୫୦ ନିୟୁତ ମେଟ୍ରିକ୍ ଟନ୍ ପଣ୍ୟ ପରିବହନ କ୍ଷମତାବିଶିଷ୍ଟ ଧାମରା ବନ୍ଦର ଓ ୨୦ ନିୟୁତ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋପାଳପୁର ବନ୍ଦର ଯଥାକ୍ରମେ ୩୨.୩୮ ନିୟୁତ ଟନ ଏବଂ ୧୦.୬୫ ନିୟୁତ ମେଟ୍ରିକ୍ ଟନ୍ ପଣ୍ୟ ପରିବହନ କରିଛନ୍ତି ।

୧୨ ଟି ଟ୍ରେନ୍ ପରିବର୍ତ୍ତିତ ମାର୍ଗରେ ଯାତାୟାତ କରିବ

ଭୁବନେଶ୍ୱର,୨୪ ଜୁନ୍ - ପୂର୍ବ ସୀମାନ୍ତ ରେଳପଥର ଅଲିପୁର ଦୁଆର ରେଳମଣ୍ଡଳ ଅନ୍ତର୍ଗତ ବେଟଗାରା-ଖଲାଇଗ୍ରାମ ଓ ଜଲପାଇଗୁଡ଼ି ରୋଡ଼-ୱାଇ ଲେଗ୍ ସ୍ପେଶାଲ୍ କ୍ଲାସ୍ ଷ୍ଟେସନ୍ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ଏବଂ ବେଟଗାରା, ଅଲ୍ଲାଗ୍ରାମ୍, ଧୂପଗିରି, ଜଲପାଇଗୁଡ଼ି ରୋଡ୍, ୱାଇ ଲେଗ୍ ସ୍ପେଶାଲ୍ କ୍ଲାସ୍ ଷ୍ଟେସନ୍ ମାନଙ୍କ ଠାରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି କିଛି ଟ୍ରେନ୍‌କୁ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରାଇବାପାଇଁ ନିଷ୍ପତି ନିଆଯାଇଛି। ସୂଚନା ଅନୁଯାୟୀ ୦୭୦୩୦ ସିକନ୍ଦରାବାଦ-ଅଗରତଲା ସ୍ପେଶାଲ୍ ଟ୍ରେନ ସିକନ୍ଦରାବାଦରୁ ୨୮ ଜୁନ୍ ତାରିଖ ଦିନ , ୦୨୫୧୦ ଗୌହାଟୀ-ବାଙ୍ଗାଲୋର ବିଶେଷ ଟ୍ରେନ ଗୌହଟିରୁ ୨୭ ରୁ ୨୯ ଜୁନ୍ ମଧ୍ୟରେ ୦୨୫୧୪ ଗୌହାଟୀ-ସିକନ୍ଦରାବାଦ-ଗୌହାଟୀ ବିଶେଷ ଟ୍ରେନ ଗୌହାଟୀ ଠାରୁ ୧ ଜୁଲାଇ ତାରିଖ ଦିନ ଏବଂ ୦୨୫୫୨ କାମାକ୍ଷା-ଯଶୋବନ୍ତପୁର-କାମାକ୍ଷା ବିଶେଷ ଟ୍ରେନ କାମାକ୍ଷା ଠାରୁ ୩୦ ଜୁନ୍ ତାରିଖ ଦିନ ରାଣୀନଗର-ଜଲପାଇଗୁଡ଼ି-ୱାଇ ଲେଗ୍ ସ୍ପେଶାଲ୍ କ୍ଲାସ୍ ଷ୍ଟେସନ୍-ମଠଭଙ୍ଗ- ନ୍ୟୁ କୂଚବିହାର ମାର୍ଗଦେଇ ଚଳାଚଳ କରିବ।

ସେହିପରି ୦୨୫୫୧ ଯଶୋବନ୍ତପୁର-କାମାକ୍ଷା-ଯଶୋବନ୍ତପୁର ବିଶେଷ ଟ୍ରେନ ଯଶୋବନ୍ତପୁର ଠାରୁ ୨୬ ଜୁନ୍ ତାରିଖ ଦିନ, ୦୫୯୨୯ ତାମ୍ବରମ-ନ୍ୟୁ ତିନସୁକିଆ ବିଶେଷ ଟ୍ରେନ ତାମ୍ବରମ ଠାରୁ ୨୮ ଜୁନ୍ ତାରିଖ ଦିନ, ୦୫୬୨୯ ତାମ୍ବରମ-ସୀଲଘାଟ ବିସସ ଟ୍ରେନ ତାମ୍ବରମ ଠାରୁ ୨୮ ଜୁନ୍‌ତାରିଖ ଦିନ , ୦୨୫୧୬ ସୀଲଚର-କୋଏମ୍ବାଟୋର ବିଶେଷ ଟ୍ରେନ ସୀଲଚର ଠାରୁ ୨୯ ଜୁନ୍‌ତାରିଖ ଏବଂ ୦୬୧୮୬ ଗୌହାଟୀ-ତ୍ରିଭେନ୍ଦ୍ରମ ବିଶେଷ ଟ୍ରେନ ଗୌହଟିରୁ ୩୦ ଜୁନ୍ ତାରିଖରେ ସିଲିଗୁଡ଼ି-ଅଲିପୁର ଦୁଆ-ସମୁକତାଲା ରୋଡ୍ ମାର୍ଗଦେଇ ଚଳାଚଳ କରିବ।

ବସ୍ତି ବିକାଶ ପାଇଁ ପୌରାଂଚଳ ବଜେଟରୁ ୨୫ ପ୍ରତିଶତ ଅର୍ଥ ବ୍ୟୟ ହେବ

ସମସ୍ତ ପୌର ପ୍ରଶାସନକୁ ଚିଠି ଲେଖିଲେ ରାଜ୍ୟ ପୌର ନିର୍ଦ୍ଦେଶକ

ଭୁବନେଶ୍ୱର,୨୫/୬ (ନି.ପ୍ର): ରାଜ୍ୟ ସରକାର ପୌର ଆଇନରେ ଆଣିଥିବା ସଂଶୋଧନ ଅନୁଯାୟୀ ପୌରସଂସ୍ଥାଗୁଡିକୁ ଦିଆଯାଉଥିବା ଅର୍ଥର ୨୫ ପ୍ରତିଶତ ବସ୍ତି ଅଂଚଳରେ ସର୍ବନିମ୍ନ ସେବା ଯୋଗାଣ ଓ ଭିତିଭୂମି ବିକାଶ ବାବଦରେ ବ୍ୟୟ କରାଯିବ। ତଦନୁଯାୟୀ ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକବର୍ଷ ପାଇଁ ଦିଆଯାଇଥିବା ଅର୍ଥରୁ ୨୫ ପ୍ରତିଶତ ବସ୍ତି ଅଂଚଳରେ ବ୍ୟୟ କରିବାକୁ ରାଜ୍ୟ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ସମସ୍ତ ପୌର ପ୍ରଶାସକମାନଙ୍କୁ ପତ୍ରଲେଖି ଅବଗତ କରିଛନ୍ତି । ପୌର ନିର୍ଦ୍ଦେଶକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡିଶା ସରକାର ମ୍ୟୁନିସିପାଲିଟି ଆଇନ୍ ୧୯୫୦ ଓ ମ୍ୟୁନିସିପାଲ କର୍ପୋରେସନ ଆଇନ୍ ୨୦୦୩ରେ ସଂଶୋଧନ ଆଣିବା ସହିତ ଏହାକୁ ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିସାରିଛନ୍ତି । ତଦନୁଯାୟୀ ପୌର ସଂସ୍ଥାଗୁଡିକ ସେମାନଙ୍କ ବାର୍ଷିକ ବଜେଟ୍ ଅର୍ଥର ୨୫ ପ୍ରତିଶତ ବସ୍ତି ଅଂଚଳର ଭିତିଭୂମିକ ବିକାଶ ଓ ମୌଳିକ ସୁବିଧା ଯୋଗାଇବା କ୍ଷେତ୍ରରେ ବ୍ୟୟ କରିବେ । ତଦନୁଯାୟୀ ପୌରସଂସ୍ଥାଗୁଡିକ ସେମାନଙ୍କ ବଜେଟର ୨୫ ପ୍ରତିଶତ ବସ୍ତି ବିକାଶ ଲାଗି ବ୍ୟୟ କରିବେ ଏବଂ ଏଥିପାଇଁ ତ୍ରୈମାସିକ ଲକ୍ଷ୍ୟଧାର୍ଯ୍ୟ ସହିତ ତାହା କିଭଳି ବ୍ୟୟ ହେଉଛି ତାହାର କଡାକଡି ଯାଂଚ ଲାଗି ପ୍ରଶାସକମାନଙ୍କୁ

କୁହାଯାଇଛି । ଏଥି ସହିତ ରାଜ୍ୟର ସମସ୍ତ ମହାନଗର ନିଗମ, ମ୍ୟୁନିସିପାଲିଟି ଓ ଏନଏସିଗୁଡିକୁ ୨୦୨୦-୨୧ ଓ ୨୦୨୧-୨୨ ବର୍ଷ ପାଇଁ ମଞ୍ଜୁର ହୋଇଥିବା ଅର୍ଥର ତାଲିକା ସହିତ ଏହାର ୨୫ ପ୍ରତିଶତ ଅର୍ଥର ମଧ୍ୟ ଏକ ତାଲିକା ପୌର ନିର୍ଦ୍ଦେଶକ ତାଙ୍କ ପତ୍ରରେ ସଂଲଗ୍ନ କରିଛନ୍ତି ।

ଡିଜେଲ-ପେଟ୍ରୋଲ ଦରବୃଦ୍ଧି ବିରୋଧରେ ବାମପନ୍ଥୀ ଦଳମାନଙ୍କର ବିକ୍ଷୋଭ

ଭୁବନେଶ୍ୱର,୨୫/୬ (ନି.ପ୍ର): ଡିଜେଲ ଓ ପେଟ୍ରୋଲ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବିରୋଧରେ ୩ଟି ବାମପନ୍ଥୀ ଦଳ ସିପିଆଇ,ସିପିଆଇ (ଏମ୍) ଓ ସିପିଆଇ (ଏମ.ଏଲ.) ଲିବରେସନ ପକ୍ଷରୁ ଭୁବନେଶ୍ୱରଠାରେ ଏକ ମିଳିତ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି।

ଗୁରୁବାର ପୂର୍ବାହ୍ନରେ ମାଷ୍ଟରକ୍ୟାଂଟିନ ଛକଠାରେ ୩ ଦଳର କର୍ମୀମାନେ ମିଳିତ ବ୍ୟାନର ସହ ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡମାନ ହାତରେ ଧରିଥିବା ଦେଖାଯାଇଥିଲା। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଓ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ଓ ବରିଷ୍ଠ ନେତା ଜନାର୍ଦ୍ଦନ ପତି, ସିପିଆଇ(ଏମ.ଏଲ.) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଓ ରାଧାକାନ୍ତ ସେଠୀ ଉଦ୍‌ବୋଧନ ଦେଇ କହିଲେ– କୋଭିଡ ମହାମାରୀ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଓ ଜୀବିକା ସଂକଟାପନ୍ନ ହୋଇଥିବାବେଳେ ଡିଜେଲ ଓ ପେଟ୍ରୋଲର ତୁହାକୁତୁହା ଦରବୃଦ୍ଧି ସାଙ୍ଗକୁ ଖାଇବା ତେଲ, ଡାଲି, ଔଷଧ ଆଦି ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଆକାଶଛୁଆଁ ଦରବୃଦ୍ଧି ଗରିବ ଓ ମଧ୍ୟବିତଙ୍କ ଆର୍ଥିକ ମେରୁଦଣ୍ଡ ଉପରେ ଏକ ପ୍ରଚଣ୍ଡ ଆକ୍ରମଣ। ଏଣୁ ଜୀବନ ଓ ଜୀବିକାର ସୁରକ୍ଷା ନିମନ୍ତେ ସଂଘର୍ଷ କରୁଥିବା ଦେଶବାସୀଙ୍କୁ ବଂଚାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ହ୍ରାସ କରି ଦୈଳଦର କମାଇବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବନ୍ଦ କରିବା, କଳାବଜାରୀ ଓ ମହଜୁଦକାରୀଙ୍କୁ ଜବତ କରିବା, ପ୍ରତି ପରିବାରକୁ ମୁଣ୍ଡପିଛା ୧୦ କେଜି ଚାଉଳ/ ଗହମ, ଖାଇବାତେଲ, ଡାଲି ଓ ଚିନି ଇତ୍ୟାଦି ରାସନ କିଟ୍ ମାଗଣାରେ ଯୋଗାଇବା ଏବଂ ଆୟକର ଦେଉ ନ ଥିବା ସମସ୍ତ ପରିବାରକୁ ମାସିକ ୭୫୦୦ ଟଙ୍କା ସହାୟତା ପ୍ରଦାନ କରିବା ଆବଶ୍ୟକ।

ସିପିଆଇର ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ଜୋନ୍ ସମ୍ପାଦକ ସୁର ଜେନା ଓ ବିଜୟ ଜେନା, ସିପିଆଇ(ଏମ୍)ର ସୁରେଶ ପାଣିଗ୍ରାହୀ ଓ ଜଗନ୍ନାଥ ମିଶ୍ର, ସିପିଆଇ (ଏମ.ଏଲ.) ଲିବରେସନର ମହେନ୍ଦ୍ର ପରିଡ଼ା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ବଢ଼ିବନି ଅଧ୍ୟାପକଙ୍କ ଅବସର ବୟସ ସୀମା

ଭୁବନେଶ୍ୱର,୨୫/୬ (ନି.ପ୍ର): ବେସରକାରୀ କଲେଜଗୁଡ଼ିକରେ ବହୁ ଅଧ୍ୟାପକ ପଦ ଖାଲି ପଡ଼ିଛି। ମୋଟ ୧୮୫୮ ଖାଲି ପଦ ମଧ୍ୟରୁ ୯୭୨ ପୂରଣ ଲାଗି ବିଜ୍ଞାପନ ପ୍ରକାଶ ପାଇଛି। ବାକି ପଦ ପୂରଣ ଲାଗି ପଦକ୍ଷେପ ନିଆଯିବ। ତେଣୁ ଅଧ୍ୟାପକମାନଙ୍କ ଅବସର ବୟସସୀମା ୬୨ବର୍ଷକୁ ବୃଦ୍ଧି କରିବାର କୌଣସି ଆବଶ୍ୟକତା ନାହିଁ। ସରକାରୀ କଲେଜରେ ନିୟମିତ ଅଧ୍ୟକ୍ଷ ନିଯୁକ୍ତି ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨୮୩ଟି ବେସରକାରୀ ଅନୁଦାପ୍ରାପ୍ତ ଡିଗ୍ରି/

କଲେଜିଟ୍ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା ପରିଚାଳିତ ହେଉଛି। ସେମାନଙ୍କୁ ଅଧ୍ୟକ୍ଷ ଦାୟିତ୍ୱରୁ ବିରାମ ହେବା ସହ ନିୟମିତ କାର୍ଯ୍ୟ କରିବେ। ଉକ୍ତ କଲେଜଗୁଡ଼ିକରେ ନିୟମିତ ଅଧ୍ୟକ୍ଷ ନିଯୁକ୍ତି ଲାଗି ପ୍ରଥମେ ରିଡର ରାଙ୍କ (ରାଜ୍ୟ ସ୍କେଲ୍)ର ୨୮୩ଟି ପଦ ସୃଷ୍ଟି କରିବାକୁ ହେବ। ଉଚ୍ଚଶିକ୍ଷା ବିଭାଗ ଷ୍ଟାଣ୍ଡିଂ କମିଟି-୪ ରିପୋର୍ଟ ଆଧାରରେ ଏଭଳି ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି।

ଓମ୍‌ଫେଡ ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସହାୟତା

ଗୋଖାଦ୍ୟ ଖର୍ଚ୍ଚ ବାବଦ ୬୦୦୦ ଟଙ୍କା ପର୍ଯ୍ୟନ୍ତ ମିଳିବ ସହାୟତା

ଉପକୃତ ହେବେ ୧ ଲକ୍ଷ ୨୦ ହଜାର ଦୁଗ୍ଧ ଚାଷୀ

ଭୁବନେଶ୍ୱର,୨୫/୬ (ନି.ପ୍ର): ଓମ୍‌ଫେଡ ଦୁଗ୍ଧ ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କୋଭିଡ ସହାୟତା ଘୋଷଣା କରିଛନ୍ତି । ଏହି ସହାୟତାରେ ପ୍ରତି ଦୁଗ୍ଧ ଚାଷୀଙ୍କୁ ଗୋଖାଦ୍ୟ ଖର୍ଚ୍ଚ ବାବଦ ସର୍ବାଧିକ ୬୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯିବ । ଏଥିରେ ୧୧ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ରାଜ୍ୟର ୧ ଲକ୍ଷ ୨୦ ହଜାର ଦୁଗ୍ଧ ଚାଷୀ ଉପକୃତ ହେବେ।

ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ ମହାମାରୀ ଓଡିଶା ସମେତ ସାରା ବିଶ୍ୱରେ ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପକାଇଛି । ଅର୍ଥନୀତିର ପ୍ରାୟ ଅନ୍ୟ ସମସ୍ତ କ୍ଷେତ୍ର ମାନ୍ଦା ଅବସ୍ଥାରେ ଥିବାବେଳେ, କେବଳ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ସଂଜୀବନୀ ପରି ଆମ ଅର୍ଥନୀତିକୁ ଶକ୍ତି ଯୋଗାଇଛି । ଲକ୍‌ଡାଉନ ଏବଂ ସଟ୍‌ଡାଉନ ସମୟରେ ଆମର ଚାଷୀମାନେ ଯେପରି ସାହସର ସହ ସେମାନଙ୍କର ଉତ୍ପାଦନ କାର୍ଯ୍ୟ ଜାରି ରଖିଛନ୍ତି, ତାକୁ ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି ।

ଗ୍ରାମ୍ୟ ଅର୍ଥନୀତିରେ ଦୁଗ୍ଧ ଚାଷ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ଛୋଟ ଓ ନାମମାତ୍ର ଚାଷୀଙ୍କ ଜୀବନଜୀବିକାରେ ବିଶେଷ ସହାୟକ ହୋଇଥାଏ । କୋଭିଡ ମହାମାରୀ ପରିପ୍ରେକ୍ଷୀରି ଦୁଗ୍ଧ ଓ ଦୁଗ୍ଧ ଜାତ ଦ୍ରବ୍ୟ ଚାହିଦାରେ ବଡ ଧରଣର ହ୍ରାସ ଘଟିଥିବାରୁ, ଏହା ଦୁଗ୍ଧ ଚାଷୀଙ୍କ ଜୀବିକାକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦୁଗ୍ଧ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଏହା ଚାଷୀଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବ ବୋଲି ଆଶାପ୍ରକାଶ କରିଛନ୍ତି ।

ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ବ୍ୟବସାୟକୁ ୧୦୦୦ କୋଟିରେ ପହଂଚାଇ ଗୋଲ୍ଲୁ କ୍ୟାଟେଗୋରି ସରକାରୀ ଉଦ୍ୟୋଗ କରାଯିବ

ଭୁବନେଶ୍ୱର,୨୫/୬ (ନି.ପ୍ର): ଆସନ୍ତା ବର୍ଷ ଶେଷ ସୁଦ୍ଧା ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ୧୦୦୦ କୋଟି ଟଙ୍କାର ବ୍ୟବ ସାୟରେ ପହଂଚାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ସାକାର କରିବା ଏବଂ ଏହାକୁ ଏକ ଗୋଲ୍ଲୁ କ୍ୟାଟେଗୋରୀ ସରକାରୀ ଉଦ୍ୟୋଗରେ ପରିଣତ କରିବାକୁ ଆଜି ଅନୁଷ୍ଠିତ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ୨୦୫ତମ ବୋର୍ଡ ଅଫ୍ ଡାଇରେକଫରସ୍ ଭିଡ଼ିଓ କନ୍‌ଫରେନ୍ସିଂ ବୈଠକରେ ନିଗମର ଅଧ୍ୟକ୍ଷ ଶ୍ରୀ ଚିନ୍ମୟ କୁମାର ସାହୁ ଏହା ପ୍ରକାଶ କରିଛନ୍ତି । ବର୍ତମାନ ନିଗମର କାର୍ଯ୍ୟ ପରିସରକୁ ବ୍ୟାପକ ଏବଂ ବର୍ତମାନର ସମ୍ବଳକୁ ସର୍ବାଧିକ ବିନିଯୋଗ କରି ୬୧୩ କୋଟି ଟଙ୍କାର ବ୍

ପାଇକ ବିଦ୍ରୋହ ହିଁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ

ଭୁବନେଶ୍ୱର,୨୫/୦୬(ନି.ପ୍ର): ୧୮୧୭ ମସିହା ପାଇକ ବିଦ୍ରୋହ ହିଁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବହୁ ବିଶିଷ୍ଟ ବକ୍ତା ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱରସ୍ଥିତ ପତ୍ରସୂଚନା କାର୍ଯ୍ୟାଳୟ ଓ ଆଂଚଳିକ ଜନସମ୍ପର୍କ ବ୍ୟୁରୋ ପକ୍ଷରୁ ମିଳିତଭାବେ ଆୟୋଜିତ ୱେବିନାରରେ ଯୋଗଦେଇ ବକ୍ତାଗଣ ଏହା କହିଛନ୍ତି । ୱେବିନାରରେ ଅଂଶଗ୍ରହଣ କରି ବିଶିଷ୍ଟ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ କହିଥିଲେ ଯେ ମାର୍ଚ୍ଚ ୨୯ତାରିଖ ୧୮୧୭ ମସିହାରେ ଘୁମୁସରକୁ ଶତାଧିକ ବ୍ୟକ୍ତିଙ୍କ ବାଣପୁର ଅଭିମୁଖେ ଯାତ୍ରା ତଥା ଟ୍ରେଜେରୀ ଲୁଟ୍ ଇତ୍ୟାଦିରୁ ହିଁ ପାଇକ ବିଦ୍ରୋହ ସୂତ୍ରପାତ ହୋଇଥିଲା । ପାଇକ ବିଦ୍ରୋହୀ ଥିଲା ବାସ୍ତବ ପକ୍ଷେ ଇଂରେଜ ଶାସନ ବିରୁଦ୍ଧରେ ଏକ ଜନ ଆନ୍ଦୋଳନ । ଏଥିରେ ପାଇକ, ରୟତ, ଜମିଦାର ଦଳବେହେରା

ସମସ୍ତେ ଇଂରେଜ ସରକାରଙ୍କ ଆର୍ଥିକ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ସିପାହୀ ବିଦ୍ରୋହର ଠିକ୍ ଚାଳିଶବର୍ଷ ପୂର୍ବରୁ ଇଂରେଜ ଶାସନ ଉତ୍ପୀଡନ ବିରୁଦ୍ଧରେ ଏପରି ସଂଗ୍ରାମ ଯଥାର୍ଥରେ ଦେଶର ପ୍ରଥମ ସ୍ୱାଧୀନତାର ସଂଗ୍ରାମ ବୋଲି ସେ କହିଥିଲେ । ଏଥିରେ ଅଂଶଗ୍ରହଣ କରି ବିଶିଷ୍ଟ ସାମ୍ବାଦିକ ତଥା ସୁବକ୍ତା ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ ଓଡିଶାର ଅନେକ ସଂଗ୍ରାମୀମାନଙ୍କ ଜୀବନାଦର୍ଶ ଇତିହାସରେ ସ୍ଥାନିତ ହୋଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଯୁବପୀଢି ଏ ଦିଗରେ ସ୍ୱେଚ୍ଛାକୃତ ଗବେଷଣା କରି ଅନାଲୋଚିତ ପ୍ରସଙ୍ଗଗୁଡିକୁ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବା ତଥା ଏକ ବୀର ଜାତିର ଗୌରବ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରିବା ଉପରେ ଗୁରୁତ୍ୱଆରୋପ କରିଥିଲେ । ଏଥିରେ ଯୋଗଦେଇ ବିଶିଷ୍ଟ କବି ତଥା ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ହୃଷିକେଶ ମଲ୍ଲିକ ପାଇକ ବିଦ୍ରୋହକୁ ଜାତୀୟ ଜାଗରଣର ପ୍ରଥମ ପାହାଚ ବୋଲି ଅଭିହିତ କରିଥିଲେ । ଏଥିପାଇଁ ସାହିତ୍ୟ ଏକାଡେମୀ ପକ୍ଷରୁ ଯଥାସମ୍ଭବ ଉଦ୍ୟମ କରାଯିବ ବୋଲି ସେ କହିଥିଲେ । ୱେବିନାରରେ ଅଧ୍ୟକ୍ଷତା କରି ପତ୍ର ସୂଚନା କାର୍ଯ୍ୟାଳୟ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ ବକ୍ସିଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ପାଇକ ବିଦ୍ରୋହ ଦେଶର ମୁକ୍ତି ସଂଗ୍ରାମର ଅୟମାରମ୍ଭ ବୋଲି କହିଥିଲେ । ଶ୍ରୀ ଚୌଧୁରୀ ଆଜି ଖୋର୍ଦ୍ଧାଠାରେ ପାଇକ ବିଦ୍ରୋହର ବୀରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏହାର ସୁପୁତ୍ରମାନଙ୍କ ଅମୂଲ୍ୟ ବଳିଦାର ସ୍ମୃତିଚାରଣ କରିଥିଲେ । ଭୁବନେଶ୍ୱରସ୍ଥିତ ଆଂଚଳିକ ଜନସମ୍ପର୍କ ବ୍ୟୁରୋର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ରଖିଥିବାବେଳେ, ପତ୍ରସୂଚନା କାର୍ଯ୍ୟାଳୟ ଗଣମାଧ୍ୟମ ଓ ଗଣ ଯୋଗାଯୋଗ ଅଧିକାରୀ ଡକ୍ଟର ପ୍ରଦୀପ କୁମାର ଚୌଧୁରୀ ୱେବିନାର ପରିଚାଳନା କରିଥିଲେ । କ୍ଷେତ୍ର ପ୍ରଦର୍ଶନୀ ଅଧିକାରୀ ଶ୍ରୀ ମହେନ୍ଦ୍ର ପ୍ରସାଦ ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ ।

ଚିହ୍ନଟ ୧୩୬ ଆକ୍ରାନ୍ତ, ୨ମୃତ

ଭଦ୍ରକ,୨୫/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ନୂଆ ୧୩୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨ଜଣ ମୃତ୍ୟୁବରଣ କରିଛନ୍ତି। ଏ ପର୍ଯ୍ୟନ୍ତ ଜିଲ୍ଲାରୁ ମୋଟ୨୧ ହଜାର ୭୬୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ମୋଟ ୪୪ଜଣଙ୍କ ମୃତ୍ୟୁ ଘଟିଛି। ମୋଟ ୨୦ହଜାର ୧୯ଜଣ ସୁସ୍ଥ ହୋଇସାରିଥିବା ବେଳେ ଆଉ ୧୭୦୨ଜଣ ସକ୍ରିୟ ଅଛନ୍ତି। ନୂତନ ଚିହ୍ନଟଙ୍କ ମଧ୍ୟରେ ଭଦ୍ରକ ପୌରପାଳିକାର ୨୦, ବନ୍ତ ବ୍ଲକର ୨୪, ଚାନ୍ଦବାଲି ବ୍ଲକର ୫, ଧାମନଗର ବ୍ଲକରୁ ୯, ଭଣ୍ଡାରିପୋଖରୀ ବ୍ଲକରୁ ୧୬, ଧାମନଗର ଏନ୍ଏସିରୁ ୫ଜଣ, ବାସୁଦେବପୁର ବ୍ଲକରୁ ୧୩ଜଣ, ଭଦ୍ରକ ବ୍ଲକରୁ ୧୬ଜଣ, ତିହିଡ଼ି ବ୍ଲକରୁ ୭ଜଣ, ଚାନ୍ଦବାଲି ଏନ୍ଏସିରୁ ୩ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲ୍ଲାରୁ ୯ଜଣ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାର ୯ଜଣ ବାହାରେ ଚିହ୍ନଟ ହୋଇଛନ୍ତି।

ନନ୍‌ବ୍ରାଣ୍ଡିଂ ଓ ନନ୍ ଷ୍ଟିଚିଂ ହଳଦୀଗୁଣ୍ଡ ନିର୍ମାତାଙ୍କୁ ୧ ଲକ୍ଷ ଜୋରିମାନା

ଭଦ୍ରକ,୨୫/୦୬ (ନି.ପ୍ର): ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ମସଲାର କୌଣସି ଲେବୁଲ, ବ୍ରାଣ୍ଡ ନ ଥାଇ ବିକ୍ରି ହେଉଥିବା ଖବର ପାଇ ଖାଦ୍ୟ ସୁରକ୍ଷା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଗତ ଫେବୃଆରୀ ମାସ ୯ ତାରିଖରେ ଭଦ୍ରକ ଚରମ୍ପା ସ୍ଥିତ 'ଏମ୍/ଏସ୍. ଡେଲି ନିଡ୍ସ, ୟୁନିଟ ଅଫ୍ ଡି ଆଣ୍ଡ ଡି ଏଣ୍ଟରପ୍ରାଇଜେସ' ଉପରେ ଚଢଉ କରିଥିଲେ। ସେଠାରେ ବିଭିନ୍ନ ପ୍ରକାରର ମସଲା ଓ ଖାଦ୍ୟ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ନିଆ ଯାଇଥିଲା। ସେଥିମଧ୍ୟରୁ କୌଣସି ବ୍ରାଣ୍ଡ ନ ଥିବା ଓ ଷ୍ଟିଚିଂ ହୋଇ ନ ଥିବା ହଳଦୀଗୁଣ୍ଡର ନମୁନା ପରୀକ୍ଷା ପାଇଁ ଫୁଡ୍ ଟେଷ୍ଟିଂ ଲାବୋରେଟରୀ ଭୁବନେଶ୍ୱରକୁ ପଠା ଯାଇଥିଲା। ଯାହାର ରିପୋର୍ଟ ୨୨।୨।୨୦୨୧ରେ ଜିଲ୍ଲା ପ୍ରଶାସନର ହସ୍ତଗତ ହୋଇଥିଲା ସେଥିରେ ପ୍ରମାଣିତ ହୋଇଥିଲା ଯେ ଏହା ଅପରାଧ ପରିସର ବୋଲି। ପରେ ଏ ନେଇ ଏକ ନୋଟିସ ସଂସ୍ଥାର ମାଲିକ ନିତିନ ଡିଡ୍ୱାନିଆଙ୍କୁ ପ୍ରଦାନ କରାଯାଇଥିଲା। ଯାହାର ଉତ୍ତରରେ ଶ୍ରୀ ଡିଡ୍ୱାନିଆ ତାଙ୍କର ଭୁଲ ମାନିବା ସହିତ ତାଙ୍କ ଦୋକାନରେ ଖୋଲା ହଳଦୀଗୁଣ୍ଡ ତାଙ୍କ ଅନଭିଜ୍ଞତା ପାଇଁ ରହିଥିବା ଦର୍ଶାଇଥିଲେ ଏବଂ କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ। ପରେ ଏହାର ବିଚାର କରାଯାଇ ଜବତ ହୋଇଥିବା ହଳଦୀଗୁଣ୍ଡକୁ ନଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯିବା ସହିତ ୧ ଲକ୍ଷ ଟଙ୍କାର ଜୋରିମାନା ଅର୍ଥ ପଇଠ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ସହିତ ଆଗାମୀ ଦିନ ପାଇଁ ଯେପରି ଏଭଳି ଘଟଣା ନଜରକୁ ନଆସେ ସେଥିପ୍ରତି ସତର୍କ କରାଇ ଦିଆ ଯାଇଛି।

ଅବକାରୀ ଚଢାଉ,ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ

ପୁରୀ,୨୫/୦୬ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଓ ବିଅର ଜବତ କରାଯାଇଛି । ଏହି ଚୋରାମାଦକ ଦ୍ରବ୍ୟ କାରବାରରେ ସମ୍ପୃକ୍ତ ରାମଚଣ୍ଡିଥାନା ଅନ୍ତର୍ଗତ ଛଇତନା କବିରାଜପୁରର ହେମନ୍ତ ନାୟକ(୩୦)କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେମନ୍ତ ନିକଟରୁ ୬୯.୬୬୦ଲିଟର ବିଦେଶୀମଦ,୬୬.୮୫୦ଲିଟର ବିଅର ଓ ୨୧.୬୦୦ଲିଟର ଦେଶୀମଦ ଜବତ କରାଯାଇଛି। ନିର୍ଭରଯୋଗ୍ୟ ସୁତ୍ରରୁ ଖବର ପାଇ ସଦର ଅବକାରୀ ବିଭାଗ ପକ୍ଷରୁ କବିରାଜପୁରରେ ଚଢାଉ କରାଯାଇଥିଲା। ଚଢାଉ ସମୟରେ(ପ୍ରତ୍ୟେକ ବୋତଲରେ ୧୮୦ମିଲିଗ୍ରାମ)୧୩୭ ବୋତଲ ମ୍ୟାଗଡ଼ୋଲ ନମ୍ବର ୱାନ୍ ହୁସ୍କି,୯୭ ବୋତଲ ମ୍ୟାଗଡ଼ୋଲ ନମ୍ବରୱାନ୍ ରମ୍,୪୮ ବୋତଲ ଅଫିସର ଚଏସ୍ ହୁସ୍କି,୪୧ ବୋତଲ ରୟାଲ ଗ୍ରୀନ୍ ହୁସ୍କି,୨୧ ବୋତଲ ଇମ୍ପେରିଆଲ ବ୍ଲୁ,୪୩ ବୋତଲ ଓଲ୍ଡମଗ ରମ୍ ସହିତ୧୨୨ଟି କେନ୍ ବିଅର ଓ ୧୦୩ ବୋତଲ ଆସ୍କା ଫଟି ଜବତ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିଲା।

ନୀଳଗିରି ବ୍ଲକରେ ମେଟ୍ରିକରେ କାଂଶ ନୋଡାଲ ହାଇସ୍କୁଲର ରାଜୀବ ମିଶ୍ର ସୁବୁଦ୍ଧି ଟପ୍ପର

ନୀଳଗିରି,୨୫/୦୬ (ନି.ପ୍ର): ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ନୀଳଗିରି ବ୍ଲକର ରାଜୀବ ମିଶ୍ର ସୁବୁଦ୍ଧି ଟପ୍ପର ହୋଇଥିବା ଜଣାପଡ଼ିଛି । କାଂଶ ନୋଡାଲ ହାଇସ୍କୁଲ ର ଅଧ୍ୟୟନ କରୁଥିବା ତିନିଦେଶ ଗ୍ରାମର ପିତା କିଶୋର କୁମାର ସୁବୁଦ୍ଧି ଓ ମାତା ପଦ୍ମିନୀ ଙ୍କ ପୁତ୍ର ଏ୧ ରେ ୫୬୮ନମ୍ବର ରଖି ଟପ୍ପର ହୋଇ ରାଜୀବ ଏହି କୃତିତ୍ୱ ଲାଭ କରିଥିବା ଜଣାପଡ଼ିଛି । ଭୂଦାରଚଣ୍ଡି ହାଇସ୍କୁଲର ଆକାଶ କୁମାର ସାହୁ ୫୫୭ ନମ୍ବର ରଖି ୨ୟ ସ୍ଥାନ ଗ୍ରହଣ କରିଥିବା ବେଳେ ସେହି ବିଦ୍ୟାଳୟର ନିକିତା ପାଢ଼ୀ ୫୫୩ ମାର୍କ ରଖି ତୃତୀୟ ସ୍ଥାନ ଗ୍ରହଣ କରିଥିବା ସୂଚନା ମିଳିଛି । ନୀଳଗିରି ବ୍ଲକରେ ମୋଟ ୭ଜଣ ଏ୧ ପାଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିବା ବେଳେ ସବିଶେଷ ତଥ୍ୟ ଖବର ଲେଖିଲା ବେଳକୁ ହସ୍ତଗତ ହୋଇ ନାହିଁ ।

ଜରାନିବାସକୁ ପୋଷ୍ୟ ଭାବେ ଗ୍ରହଣ କଲା ଭଦ୍ରକାଳୀ ଲାୟନ୍ସ କ୍ଲବ

ଭଦ୍ରକ,୨୫/୦୬ (ନି.ପ୍ର): ଭଦ୍ରକର ଅଗ୍ରଣୀ ସଂଗଠନ ଭଦ୍ରକାଳୀ ଲାୟନ୍ସ କ୍ଲବ ଭଦ୍ରକ ବ୍ଲକର ଦେସିଂ ଠାରେ ସ୍ଥିତ କଳ୍ପନା ଦେବୀ ଚ୍ୟାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଜରାନିବାସକୁ ୫ ବର୍ଷ ପାଇଁ ପୋଷ୍ୟ ଭାବେ ଗ୍ରହଣ କରିଛି । ଭଦ୍ରକାଳୀ ଲାୟନ୍ସ କ୍ଲବର ସଭାପତି ସତ୍ୟେନ୍ଦୁ ରାୟ ମହାପାତ୍ରଙ୍କ ପୌରୋହିତ୍ୟରେ ପକ୍ଷରୁ ଅନୁଷ୍ଠିତ ଏକ ସଭାରେ ଜରାଶ୍ରମର ପ୍ରତିଷ୍ଠାତା ଡାକ୍ତର ହରେକୃଷ୍ଣ ନାୟକ ଜରାଶ୍ରମ ପ୍ରତିଷ୍ଠା କରିବାର ଆଭିମୁଖ୍ୟ ଉପସ୍ଥାପନା କରିବା ସହିତ ଲାୟନ୍ସ କ୍ଲବର ଏଭଳି ମହନୀୟ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହାରଣ ହେବ ବୋଲି କହିବା ସାଙ୍ଗକୁ କ୍ଲବର କର୍ମକର୍ତ୍ତାଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ବରିଷ୍ଠ ଅଧିବକ୍ତା ଲାୟନ ପର୍ଶୁରାମ ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଲାୟନ୍ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ପ୍ରଫୁଲ୍ଲ ସାମଲ ଉକ୍ତ ଜରାଶ୍ରମକୁ କ୍ଲବ ୫ ବର୍ଷ ପାଇଁ ପୋଷ୍ୟ ଭାବେ ଗ୍ରହଣ କଲା ବୋଲି ସୂଚନା ଦେବା ସହିତ ପ୍ରାଥମିକ ସହାୟତା ରାଶି ପ୍ରଦାନ କରିଥିଲେ। ଅତିଥି ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ୍ ଶରତ ଚନ୍ଦ୍ର ପ୍ରଧାନ, ପାଷ୍ଟ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ପ୍ରକାଶ ଚନ୍ଦ୍ର ଜେନା, ସମ୍ପାଦକ ଲାୟନ ପ୍ରଭାତ ଧଳ ପ୍ରମୁଖ ଯୋଗ ଦେଇ ଜରାଶ୍ରମର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ଏହି ଅବସରରେ ଜରାନିବାସରେ ଅନ୍ତେବାସୀମାନେ କିପରି ଅଧିକ ଆନନ୍ଦରେ ଜୀବନଯାପନ କରିବେ ସେ ସମ୍ପର୍କରେ ସେମାନେ ପ୍ରସ୍ତାବ ଦେଇଥିଲେ। ଉକ୍ତ ସଭାରେ ବୈଲୋଚନ ବେହୁରିଆ, ପଦ୍ମନ ରାୟ, ଜିତେନ୍ଦ୍ର ପଣ୍ଡା, ଦିଲିପ ନାୟକ, ମିଥୁନ ନାୟକ, ସଂଜିବ ନାୟକ, ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅତିଥି ଜରାଶ୍ରମ ବୁଲି ଦେଖି ଆନନ୍ଦ ପ୍ରକାଶ କରିଥିଲେ।

ଦକ୍ଷିଣପୂର୍ବ ରେଳପଥର ତୃତୀୟ ରେଳ ଲାଇନ୍ ଲାଗି ଉଚ୍ଚସ୍ତରୀୟ ତଦନ୍ତ

ଜଳେଶ୍ୱର, ୨୫/୬ (ନି.ପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ରେଳ ଷ୍ଟେସନ ଉପରେ ଜଳେଶ୍ୱର, ବାଲିଆପାଳ, ଭୋଗରାଇ, ରାସଗୋବିନ୍ଦପୁର, ରାଇବଣିଆ ଅଂଚଳ ସହିତ ପଶ୍ଚିମବଂଗର ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲାର ବହୁ ଅଂଚଳର ଲୋକମାନେ ନିର୍ଭର କରନ୍ତି । ଏହା ଦକ୍ଷିଣ ପୂର୍ବ ରେଳ ଡିଭିଜନ୍ ଅଧିନରେ ରହିଥିବାରୁ ଆବଶ୍ୟକ ବିକାଶ ହୋଇ ନାହିଁ । ବାର୍ଷିକ ୧୦ କୋଟିରୁ ଅଧିକ ରାଜସ୍ୱ ଦେଇ ଆସୁଥିବା ବେଳେ ଷ୍ଟେସନର ମାନ୍ୟତା ଏନ୍ଏସ୍‌ଜି ୪କୁ ପରିବର୍ତ୍ତନ ହୋଇ ନାହିଁ । ଟୁରିଷ୍ଟ ପଏଣ୍ଟ ଅଫ ଭ୍ୟୁ ଦୃଷ୍ଟିରୁ ଏହା ମାନ୍ୟତା ତାଲିକାରେ ରହିଥିଲେ ମଧ୍ୟ କେତେକ ସର୍ବନିମ୍ନ ସୁବିଧା ନାହିଁ। ଏ ସମ୍ପର୍କରେ ଜଳେଶ୍ୱରବାସୀଙ୍କ ପକ୍ଷରୁ ବହୁ ସଂଗଠନ ସହିତ ସମାଜ କଲ୍ୟାଣ ବିକାଶ ପରିଷଦ ବହୁବାର

ଖଡଗପୁର ଡିଆର୍ଏମ୍ ଓ କୋଲକତାର ଗାଡେନ୍‌ରିଚ୍ ଠାରେ ଅତିରିକ୍ତ ଜି.ଏମ୍‌ଙ୍କ ସହିତ ଆଲୋଚନା କରାଯାଇଥିଲା । ୩ୟ ରେଳଲାଇନ୍ ନିର୍ମାଣ ବେଳେ ଜଳେଶ୍ୱରବାସୀଙ୍କ ଦାବୀକୁ ପ୍ରାଧାନ୍ୟ ଦିଆଯିବ ବୋଲି ରେଳବିଭାଗ ପକ୍ଷରୁ ଏହି ଆଲୋଚନାରେ ପ୍ରତିଶ୍ରୁତି ଦିଆଯାଇଥିଲା । ଏବେ ୩ୟ ରେଳପଥ କାର୍ଯ୍ୟ ଆରମ୍ଭ ହୋଇଛି । ମାତ୍ର ପୂର୍ବପ୍ରସ୍ତୁତ ନକ୍ସା ଓ ଷ୍ଟେସନର ବିକାଶକୁ ଉପେକ୍ଷା କରାଯାଉଥିବା ସୂଚନା ପାଇବାପରେ ଜଳେଶ୍ୱର ବାସୀଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଆଜି ଶୁକ୍ରବାର ମଧ୍ୟାହ୍ନରେ ଡିଆର୍ଏମ୍, ମନୋରଂଜନ ପ୍ରଧାନ, ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ବି.କେ ଜୈନ, ଡେପୁଟି ଯନ୍ତ୍ରୀ ବମ୍. ବମ୍ ପାଣ୍ଡେ, ସହକାରୀ ଯନ୍ତ୍ରୀ ରାଜୀବ ଚୌଧୁରୀ, ମୁ ଖ୍ୟ ଡିଭିଜନାଲ ଅପରେଟିଂ ମେନେଜର ସତ୍ୟେନ୍ଦ୍ର ବର୍ମା, ମୁଖ୍ୟ କମରସିଆଲ ମେନେଜର ମନୋଜ କୁମାର ସିଂ, କମରସିଆଲ ମେନେଜର ଆଶୁତୋଷ ସିଂଙ୍କ ସହିତ ବହୁ ପଦସ୍ଥ ଅଫିସର ପହଞ୍ଚି ସର୍ବେକ୍ଷଣ କରିଥିଲେ। ଷ୍ଟେସନର ମୁଖ୍ୟବିଲ୍ଡିଂ ୧ନଂ ପ୍ଲାଟଫର୍ମରେ ନ କରି ୪ନଂ ପ୍ଲାଟଫର୍ମରେ ସଂକୁଚିତଭାବେ କରାଯାଉଥିବା ଜଣାପଡିବାପରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସମାଜକଲ୍ୟାଣ ବିକାଶ ପରିଷଦର ସଂପାଦକ ହାଇକୋର୍ଟ ଏଡ୍‌ଭୋକେଟ ରାମଚନ୍ଦ୍ର ଜେନା ଓ ବରିଷ୍ଠ ବିଜେପି ନେତା ଅରୁଣ ବେଜ ଆଲୋଚନାରେ ଭାଗ ନେଇ ଷ୍ଟେସନର ବିକାଶ ସଂପର୍କରେ ସୂଚନା ଦେଇଥିଲେ । ଆଜିର ବୈଠକରେ ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ମଣ୍ଡଳ, ରାମଚନ୍ଦ୍ର ଜେନା, ଅରୁଣ କୁମାରା ବେଜ, ଡ. ରମାକାନ୍ତ ଭଂଜ, ଅବନୀ କୁମାର ଚାନ୍ଦ, ଶରତ ଚନ୍ଦ୍ର ପରିଡା, ଅଜିତ୍ ମହାନ୍ତି, ସୁକୁମାର ରଣା, ରାମଚନ୍ଦ୍ର ସାହୁ, କମଳ ଚକ୍ରମର୍ତ୍ତୀ, ରବିନ୍ଦ୍ର କୁମାର ପାତ୍ର, ମନୋରଂଜନ ଦାସ, ଫାଲଗୁନି ପାଣିଗ୍ରାହୀ, ଜଗନ୍ନାଥ ଗୋଛାୟତ, ସଂଜୀବ କୁମାରେ ପାତ୍ର, ରବିନାରାୟଣ ପାତ୍ର, ସତ୍ୟନାରାୟଣ ଦାସ, ଆରତୀ ଦାସ, ରିଆଜ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

୭ଟି ଜିଲ୍ଲାରେ ମେଡିକାଲ ଅକ୍ସିଜେନ ....

ସମୟରେ ରାଜ୍ୟ ସରକାରଙ୍କ ପାଇଁ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ହେଉଛି ସର୍ବାଧିକ ପ୍ରାଥମିକତା । ଜଣେ ବି କୋଭିଡ ରୋଗୀ ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହୁଅନ୍ତି, ସେ ଦିଗରେ ଆମେ କାମ କରୁଛୁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏଥିପାଇଁ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନବାଡୀ କର୍ମୀ ମାନଙ୍କୁ ପୁଣିଥରେ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କରୋନାର ପ୍ରଥମ ଓ ଦ୍ୱିତୀୟ ଲହରରୁ ଆମେ ଯେଉଁ ଅଭିଜ୍ଞତା ପାଇଛୁ, ତୃତୀୟ ଲହରର ମୁକାବିଲାରେ ତାହା ଆମ ପାଇଁ ନିଶ୍ଚୟ ସହାୟକ ହେବ। ଏହାସହିତ ଭିତ୍ତିଭୂମି କ୍ଷେତ୍ରରେ ଯେଉଁ କାମ ହେଉଛି, ତାହାଦ୍ୱାରା କୋଭିଡ ବିରୁଦ୍ଧରେ ଆମର ଲଢେଇ ଆହୁରି ମଜବୁତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ, ଉପବାଚସ୍ପତି ରଜନୀକାନ୍ତ ସିଂହ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ, ଶକ୍ତି ମନ୍ତ୍ରୀ ଦିବ୍ୟଶଂକର ମିଶ୍ର, ଢେଙ୍କାନାଳ ସାଂସଦ ମହେଶ ସାହୁ, ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବୌଦ୍ଧ ବିଧାୟକ ପ୍ରଦୀପ ଅମାତ, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ପ୍ରମୁଖ ରାଜ୍ୟରେ କୋଭିଡ ଯୁଦ୍ଧରେ ଓଡିଶାର ଉତ୍ତମ ପ୍ରଦର୍ଶନ ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦକ୍ଷ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ ।

'ଜରୁରିକାଳୀନ ପରିସ୍ଥିତି' ଆଲୋଚନା....

ଆଜିର ଦିନକୁ ଆମେ ପାଳୁଥିବା କଳା ଦିବସକୁ ନା କେବେ ଭୁଲାଯାଇପାରିବ ନା କେବେ କ୍ଷମା ଦିଆଯାଇପାରିବ । ଆଜିର ଯୁବ କାର୍ଯ୍ୟକର୍ତା ମାନେ ଏହାକୁ ଅନୁଧ୍ୟାନ କରିବା ଦରକାର । ଜରୁରୀକାଳିନ ପରିସ୍ଥିତି ଲାଗୁ କରି ଇନ୍ଦିରା ଗାନ୍ଧି ଦେଶରେ ଏକଛତ୍ରବାଦ ଶାସନ କରିଥିଲେ । ଲୋକଙ୍କର ପ୍ରଧାନମନ୍ତ୍ରୀଙ୍କ ପ୍ରତି ଥିବା ଆସ୍ଥା ଅତ୍ୟାଚାରରେ ପରିଣତ ହୋଇଥିଲା । କ୍ଷମତା ଲୋଭରେ ଜରୁରୀକାଳୀନ ପରିସ୍ଥିତି ଜାରୀ କରିବା ଥିଲା ମୂଳ ଉଦ୍ଦେଶ୍ୟ । ୧୯୭୫ ମସିହା ଜୁନ ୧୨ରେ ଆହ୍ଲାବାଦ ହାଇକୋର୍ଟ ଇନ୍ଦିରା ଗାନ୍ଧିଙ୍କ ନିର୍ବାଚନକୁ ଅବୈଧ

ବାଲେଶ୍ୱର ଶନିବାର, ୨୬ ଜୁନ୍, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଦିନକରେ ଚିହ୍ନଟ ନୂଆ ୨୨୦ କରୋନା ସଂକ୍ରମିତ

ବାଲେଶ୍ୱର,୨୫/୦୬ (ନି.ପ୍ର): ରାଜ୍ୟର ଅନ୍ୟାନ୍ୟ ଜିଲାରେ କରୋନା ସଂକ୍ରମଣ ହାର ଧୀରେ ଧୀରେ ହ୍ରାସ ପାଉଥିବା ବେଳେ ବାଲେଶ୍ୱରରେ ସାପ-ଶିଡ଼ି ଖେଳସ୍ଥିତି ପରିଲକ୍ଷିତ ହୋଇଛି। କେତେବେଳେ ସଂକ୍ରମିତଙ୍କ ସଂଖ୍ୟା ୩ଶହ ଅତିକ୍ରମ କରୁଛି ତ ପୁଣି କେଉଁଦିନ ୨ଶହ ତଳକୁ ଖସିଆସୁଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୨୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ସହାଦେବଖୁଣ୍ଟାରୁ ୬ଜଣ, ଅଙ୍ଗାରଗଡ଼ଆରୁ ୫ ଓ ଆଜିମାବାଦରୁ ୩ଜଣଙ୍କ ସମେତ ଅରଡ଼ବଜାର, ଆର୍ତ୍ତକବିରାଜ ରୋଡ଼, ମଠସାହି, ପାତ୍ରପଡ଼ା, ରେଲୱେ କଲୋନୀ, ରାଣୀପାଟଣା, ତେଲେଙ୍ଗାସାହି, ଚିଡ଼ିଆପୋଲ, ଦେଓ୍ୱାନପାଟଣା, ଗୋପାଳଗାଁ, ଖପରାପଦା, ମାଣିଖମ୍ବ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୪ଜଣ, ବାଲିଆପାଳରୁ ୩, ବସ୍ତାରୁ ୨୮, ଜଳେଶ୍ୱରରୁ ୨୬, ଭୋଗରାଇରୁ ୧୪, ଖଇରାରୁ ୧୦, ନୀଳଗିରିରୁ ୩୪, ଔପଦାରୁ ୨, ରେମୁଣାରୁ ୧୮, ସଦରରୁ ୩୩, ସିମୁଳିଆରୁ ୩ ଓ ସୋର ବ୍ଲକରୁ ୧୮ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ତେବେ ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଇଛି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୧,୯୯୮ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୨୯୪ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ମୋଟ ୨୯,୪୧୬ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଅନ୍ୟପକ୍ଷରେ ଏବେ ସକ୍ରିୟ ଥିବା ୨,୪୫୦ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨,୩୩୯ଜଣ ଗୃହ ସଙ୍ଗରୋଧରେ ଏବଂ ୧୧୧ଜଣ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ ୭୫ବର୍ଷର ପୁରୁଷ ଓ ୫୪ବର୍ଷର ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୨୭ରେ ପହଞ୍ଚିଛି। ଜିଲାର ସାମୂହିକ ଟିକାକରଣ ଜାରି ରହିଛି। ଏବେ ସୁଦ୍ଧା ବାଲେଶ୍ୱର ଜିଲାର ମୋଟ ୬,୦୫,୭୫୨ଜଣ ଟିକା ନେଇଥିବା ବେଳେ ୪,୯୦,୭୪୧ଜଣଙ୍କୁ ପ୍ରଥମ ପାନ ଓ ୧,୧୫,୦୧୧ଜଣ ଦ୍ୱିତୀୟ ପାନ ଟିକା ନେଇ ସାରିଥିବା ଜଣାପଡିଛି।

ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ

ଚଳିତ ଖରିଫ ଋତୁରେ ମୋଟ ୪,୩୭,୦ୟ୦୦ ହେକ୍ଟର ଜମିରେ ଖରିଫ ଫସଲ ପାଇଁ ଲକ୍ଷ୍ୟଧାର୍ଯ୍ୟ

ବାରିପଦା,୨୫/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୧ ଖରିଫ ଫସଲ ଚାଷ ପାଇଁ ଜିଲ୍ଲା ସ୍ତରୀୟ କୃଷି ନିତି ନିର୍ଦ୍ଧାରଣ ବୈଠକ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ, ଭା.ପ୍ର.ସେ.ଙ୍କ ଅଧ୍ୟକ୍ଷତାରେ ତା ୨୩/୬/୨୧ ରିଖ ଗୁଗୁଲମିଟ ଭର୍ଚ୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମୟୂରଭଞ୍ଜ ସଞ୍ଜୟ କୁମାର ମହାନ୍ତି ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଚଳିତ ଖରିଫ ଫସଲ ପାଇଁ ଜିଲ୍ଲାର କୃଷି ଯୋଜନା କାର୍ଯ୍ୟଖସଡା ଉପସ୍ଥାପନ କରି ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟଖସଡା ଉପରେ ପ୍ରଥମେ ୨୦୨୦-୨୧ ରବିଚାଷ ସମ୍ପର୍କିତ ବିଭିନ୍ନ ଫସଲ ଚାଷ, ଉତ୍ପାଦନର ସ୍ଥିତି, ବିଭିନ୍ନ ପ୍ରକାର ସାର ବ୍ୟବହାର, କୃଷି ଯନ୍ତ୍ରପାତି, କୃଷିଋଣ ସହାୟତା, ରାଷ୍ଟ୍ରିୟ କୃଷି ବିକାଶ ଯୋଜନା, ମିଲେଟ ମିଶନ ଯୋଜନା ଆଦି କାର୍ଯ୍ୟାନୟନ ଉପରେ ସବିଶେଷ ଆଲୋଚନା ମୂଳକ ସମୀକ୍ଷା କରାଯାଇଥିଲା । ତପୂରେ ଚଳିତ ଖରିଫ ଫସଲ ୨୦୨୧ କାର୍ଯ୍ୟଖସଡା ଉପରେ ବିଷଦ ଭାବରେ ଆଲୋଚନା କରାଯାଇ ମୋଟ ୪ଲକ୍ଷ ୩୭ ହଜାର ହେକଟର ଜମୀରେ ବିଭିନ୍ନ ଖରିଫ ଫସଲ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିରେ ବିଭିନ୍ନ ଫସଲ ମଧ୍ୟରେ ୨ଲକ୍ଷ ୮୩ ହଜାର ହେକଟର ଜମୀରେ ଧାନ ଓ ଅଣଧାନ ଯଥା ମକା ୪୦୦ ହେକଟର, ଡାଲିଜାତୀୟ ୫୮ ହଜାର ୯୪୦ ହେକଟର, ତୈଳବୀଜ ଜାତୀୟ ଫସଲ ୭ହଜାର ୪୫ ହେକଟର, ପନିପରିବା ଜାତୀୟ ଫସଲ ୭୦ହଜାର ୯୮୫ ହେକଟର ଓ ମସଲା ଜାତୀୟ ୧୫ ହଜାର ହେକଟର ଜମୀରେ ଫସଲ କରାଯିବାର ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖା ଯାଇଛି । ଚାଷୀ ମାନଙ୍କୁ ଅଣଧାନ

ଫସଲ ଚାଷ ପ୍ରତି ପ୍ରତ୍ସାହିତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାର ବିଭିନ୍ନ ଜଳସେଚିତ ଉପଯୋଗୀତାକୁ ଦୃଷ୍ଟି ଦେଇ ଚାଷ ଜମୀରେ ଅଣଧାନ ଫସଲ ଉପରେ ମକା, ମୁଗ ଓ ପନୀପରିବା ଚାଷର ଅଧିକ ପ୍ରସାର କରିବା ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇ ଥିବା ବେଳେ, ଜଳସେଚନ ପ୍ରକଳ୍ପ ଅଂଚଳରେ ଥିବା ଚାଷଜମୀରେ ୧ଲକ୍ଷ ୫୪ ହଜାର ୯୬୧ ହେକଟର ଜମୀରେ ଅଣଧାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ଧାନ, ମୁଗ, ବିରି, ହରଡ, ଧନିଚା, ଖସା ଆଦି ମିଶ୍ରଫସଲ ମୋଟ ୧ଲକ୍ଷ ୪ହଜାର ୬୧୫ କୁଇଂଟାଲ ବିହନ ଚାଷୀଙ୍କୁ ଯୋଗାଇ ଦେବାର ଲକ୍ଷ୍ୟ ରଖା ଯାଇଛି । ବୈଠକରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଚାଷୀ ମାନଙ୍କ ହିତ ସାଧନ ପାଇଁ କୃଷି ଯନ୍ତ୍ରପାତି କୃଷି ଋଣ ସହାୟତା ଯୋଗାଇଦେବା ସହିତ ସେମାନଙ୍କର ଜ୍ଞାନ ଦକ୍ଷତା ବୃଦ୍ଧିପାଇଁ ଗ୍ରାମପଂଚାୟତ ସ୍ତରରେ କ୍ଷେତ୍ର ପ୍ରଦର୍ଶନୀ, କୃଷି ଭିତ୍ତିକ ଆନୁସଙ୍ଗିକ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ତ୍ୱରାନ୍ୱୀତ କରିବା ଦିଗରେ ତୀକ୍ଷଣ ଦୃଷ୍ଟିଦେଇ କାର୍ଯ୍ୟକ୍ରମ ତ୍ୱରାନ୍ୱୀତ କରିବାକୁ କୃଷି ବିଭାଗ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇ ଥିଲେ ।

ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର

ନୀଳଗିରି,୨୫/୦୬ (ନି.ପ୍ର): ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଓ ନୀଳଗିରି ଛାତ୍ର ବିଜେଡି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଡ଼ିବାଲି ସ୍ଥିତ ପଦ୍ମଲୋଚନ ମୁଣ୍ଡହାଣ ହାଇସ୍କୁଲ ପରିସରରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ କୁମାର ଖଟୁଆ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୋଟ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଶିବିରକୁ ଛାତ୍ର ବିଜେଡି ସଭାପତି ଫ୍ରାନସିସ ବେକେନ ସ ନେତୃତ୍ୱ ନେଇଥିବା ବେଳେ ସରପଞ୍ଚ ସକୁନ୍ତଳା ମଲ୍ଲିକ, ନୀଳଗିରି ବିଜେଡି ବ୍ଲକ ସଭାପତି ବିଜୟ କୁମାର ଲେଙ୍କା, ଜଳଧର ନାୟକ, ଗିରିଶ ମହାନ୍ତି, ବଣ୍ଟି ବେହେରା, ତପୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

କେବେ ଶେଷ ହେବ ଗହୀର ଖାଲରେ ପୋଲ ନିର୍ମାଣ ?

ଜଳେଶ୍ୱର,୨୫/୦୬ (ନି.ପ୍ର): ଜଳେଶ୍ୱର ବ୍ଲକ କାଳୀକ ପଞ୍ଚାୟତର କାଳୀକ ଠାରୁ ବଜାର ଶୁଳ ଭାୟା ଫେରି ଘାଟ ରାସ୍ତାର ଗହୀର ଖାଲରେ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭା ପକ୍ଷରୁ ୨୦୧୯ ମସିହାରେ ୬ କୋଟି ୯ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ପୋଲର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା । ଉକ୍ତ ପୋଲର ନିର୍ମାଣ କାର୍ଯ୍ୟ ୨୦୨୧ ମସିହା ମାର୍ଚ୍ଚ ମାସ ୧୫ ତାରିଖରେ ଶେଷ ହେବା ଥିଲା ବେଳେ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୋଲର ଏକ ଚତୁଥାଂଶ ମଧ୍ୟ ନିର୍ମାଣ ହୋଇନାହିଁ। ଉକ୍ତ ପୋଲ ନିର୍ମାଣ ଫଳରେ ଶ୍ରୀରାମପୁର ପଞ୍ଚାୟତର ଶ୍ରୀରାମପୁର, ମାଳିପାଳ ଓ ଦକ୍ଷଣପ୍ରହରାଜପୁର ପଞ୍ଚାୟତର ପ୍ରହରାଜପୁର, ଦକ୍ଷିଣପ୍ରହରାଜପୁର ଓ ଗୁଆଗଡ଼ିଆ ଇତ୍ୟାଦି ଗ୍ରମାର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ସେହିପରି ଲୋକଙ୍କ ଯାତାୟତ ପାଇଁ ଡାଉଭର୍ସନ ନିର୍ମାଣ କରାଯାଇଥିଲା ମାତ୍ର ପ୍ରବଳ ବର୍ଷା କାରଣରୁ ଓ ପ୍ରତିଦିନ ଶହ ଶହ ଟ୍ରାକ୍ଟର ବାଲି ନେଇ ଯା ଆସ ହେଉଥିବାରୁ ରାସ୍ତାଟି କାଦୁଅ ହୋଇଯାଇ ଗମନାଗମନ ଅସମ୍ଭବ ହୋଇଯାଇଛି। ଅପର ପକ୍ଷରେ ପୋଲ ନିର୍ମାଣରେ ମନ୍ଥରତାକୁ ସ୍ୱୀକାର କରିବା ସହ ୨୦୨୧ଡିସେମ୍ବର ମାସ ଶେଷ ଶୁଦ୍ଧା ପୋଲ ନିର୍ମାଣ ଶେଷ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଇଂ ବିଜୟ କୁମାର ଦାସ କହିଛନ୍ତି।

ଦିବ୍ୟପ୍ରକାଶ ଦାସ ବାଲିଆପାଳ ବ୍ଲକ ଟପ୍ପର

ବାଲିଆପାଳ,୨୫/୦୬ (ନି.ପ୍ର): ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେର୍ଟ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ବାଲିଆପାଳ ସୂବର୍ଣ୍ଣରେଖା ହାଇସ୍କୁଲର ଛାତ୍ର ଦିବ୍ୟପ୍ରକାଶ ଦାସ ୫୮୦ ନମ୍ବର ରଖି ବ୍ଲକରେ ଟପର ହୋଇଛନ୍ତି । ଦିବ୍ୟପ୍ରକାଶ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରର ଫାର୍ମାସିଷ୍ଟ ସରୋଜ କୁମାର ଦାସ ଏବଂ କଂଟାଡିହା ୟୁପି ସ୍କୁଲର ଶିକ୍ଷୟତ୍ରୀ ସୁଜତା ରଣାଙ୍କ ସୁପୁତ୍ର ଅଟନ୍ତି । ଭବିଷ୍ୟତରେ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇ ଜନସାଧାରଣଙ୍କ ସେବା କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି । ତାଙ୍କ ସଫଳତାର ଶ୍ରେୟ ସେ ନିଜର ପିତା, ମାତା ,ଗରୁଜନ ଏବଂ ସୂବର୍ଣ୍ଣରେଖା ହାଇସ୍କୁଲର ପ୍ରଧାନ



ଦିବ୍ୟପ୍ରକାଶ ଦାସ | ସାଇ ସାନ୍ତନୁ ଦାସ | ୟଶରାଜ ନାୟକ

ଶିକ୍ଷକ ସଞ୍ଜୟ କୁମାର ଜେନାଙ୍କ ସମେତ ସମସ୍ତ ଶିକ୍ଷକଙ୍କୁ ଦେଇଛନ୍ତି । କରୋନାଭଳି ବିପତ୍ତି ସମୟରେ ପରୀକ୍ଷା ନକରାଇ ପରୀକ୍ଷାଫଳ ପ୍ରକାଶ କୁ ସ୍ୱାଗତ କରିଛନ୍ତି । ତେବେ ପରୀକ୍ଷା ହୋଇଥିଲେ ଆଉଟିକେ ଅଧିକ ନମ୍ବର ରଖିପାରିଥାନ୍ତେ ବୋଲି କହିଛନ୍ତି । ବାଲିଆପାଳ ବ୍ଲକ କୀର୍ତ୍ତିଚନ୍ଦ୍ର ଉଚ୍ଚବିଦ୍ୟାଳୟ ନାରାୟଣପୁରର ଛାତ୍ର ସାଇ ସାନ୍ତନୁ ଦାସ(୫୭୪) ଚଳିତ ମେଟ୍ରିକ ପରୀକ୍ଷାରେ ମୋଟ ୫୭୪ ନମ୍ବର ରଖି ବାଲିଆପାଳ ବ୍ଲକରେ ଦ୍ୱିତୀୟସ୍ଥାନ ଅଧିକାର କରିଛନ୍ତି । ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କ ସବା କରିବାର ଲକ୍ଷ୍ୟ ରଖରଛନ୍ତି । ସାଇଙ୍କ ବାପା ମିହିର କୁମା ଦାସ ମନମୟୀ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଡାଙ୍ଗରପଦା ସ୍କୁଲର ପ୍ରଧାନଶିକ୍ଷକ ଏବଂ ମା ଜଣେ ଅଙ୍ଗନବାଡି କର୍ମୀ । ସେ ନିଜର ଏହି ସଫଳତା ପାଇଁ ପିତା ମାତା, ଗୁରୁଜନ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସ୍ନେୟ ଦେଇଛନ୍ତି । ବାଲିଆପାଳ ବ୍ଲକ ଦେଭୋଗ ଶ୍ରୀହରିଚରଣ ଉଚ୍ଚ ବିଦ୍ୟାଳୟର ଛାତ୍ର ୟଶରାଜ ନାୟକ(୫୭୩) ଚଳିତ ମେଟ୍ରିକ ପରୀକ୍ଷାରେ ମୋଟ ୫୭୩ ନମ୍ବର ରଖି ବାଲିଆପାଳବ୍ଲକରେ ତୃତୀୟସ୍ଥାନ ଅଧିକାର କରିଛନ୍ତି । ୟଶରାଜଙ୍କ ବାପା ଚନ୍ଦ୍ରକାନ୍ତ ନାୟକ ଜଣେ ଘରୋଇ ଚାକିରୀ କରିଥିବା ବେଳେ ମା ସୁପ୍ରତି ନାୟକ ଦେଭୋଗ ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟା ଓ ଗୃହିଣୀ ଅଟନ୍ତି । ଭବିଷ୍ୟତରେ ଜଣେ ଡାକ୍ତର ବୋର ଲକ୍ଷ୍ୟସ୍ଥ ରଖିଛନ୍ତି ୟଶରାଜ । ନିଜର ଏହି ସଫଳତା ପାଇଁ ପିତା ମାତା,ଗୁରୁଜନ ତଥା ଆତ୍ମୀୟମାନଙ୍କୁ ଶ୍ରେୟ ଦେଇଛନ୍ତି ।

ଏମକେସି ହାଇସ୍କୁଲ ପୁରାତନ ଛାତ୍ରସଂସଦ ପକ୍ଷରୁ ବିଦ୍ୟାଳୟକୁ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ପ୍ରଦାନ

ବାରିପଦା,୨୫/୦୬(ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରସଂସଦ ପକ୍ଷରୁ ବିଦ୍ୟାଳୟକୁ ଚାରୋଟି ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କର ପ୍ରଚେଷ୍ଟା ଫଳରେ ଉକ୍ତ ମହନୀୟ କାର୍ଯ୍ୟ କୋଭିଡ୍ ସମୟରେ ସଫଳହୋଇଥିବାରୁ ବିଦ୍ୟଳୟରେ ଆନନ୍ଦ ଲହରୀ ଖେଳିଯାଇଛି । ବିଦ୍ୟାଳୟର ପ୍ରାକ୍ତନ କୃତୀଛାତ୍ରଡ଼. ସୁଧୀରଞ୍ଜନ ତ୍ରିପାଠୀ ଯିଏକି ସମ୍ପ୍ରତି ସିଙ୍ଗାପୁରରେ ବରିଷ୍ଠ ବୈଜ୍ଞାନିକ ଭାବେ କାର୍ଯ୍ୟରତ । ତାଙ୍କ ଉଦ୍ୟମରେ ଏହିକାର୍ଯ୍ୟ ସମ୍ପାଦିତ ହୋଇଛି । ପୁରାତନ ଛାତ୍ରସଂସଦର ସଭାପତି ମହେଶଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ଅକ୍ଷୟକୁମାର ଅଗ୍ରୱାଲ, ସଂଯୋଜକ ଅମିତାଭମିଶ୍ର, ଶିକ୍ଷକ ମନୋଜ କୁମାର ପରିଡ଼ା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

ଜୟ ଜଗନ୍ନାଥ ଗ୍ରୁପ୍ ଓଡ଼ିଶା ପକ୍ଷରୁ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ

ନୀଳଗିରି,୨୫/୦୬ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ସେଚ୍ଛାସେବୀ ସଂଗଠନ ଜୟ ଜଗନ୍ନାଥ ଗ୍ରୁପ ଓଡ଼ିଶାର ବାଲେଶ୍ୱର ଶାଖା ତରଫରୁ ଆଜି ନୀଳଗିରି ବ୍ଲକର ଅଯୋଧ୍ୟାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ର ଅନ୍ତେବାସୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ସବିତା ପାଣିଗ୍ରାହୀ ଓ ମାନଓ କୁମାର ପାଣିଗ୍ରାହୀ ଙ୍କର ୮ମ ବିବାହ ବାର୍ଷିକ ଉତ୍ସବ ଉପଲକ୍ଷେ ଏହି ସାମଗ୍ରୀ ଛାତ୍ରଛାତ୍ରୀମାନଙ୍କୁ ବାଣ୍ଟିଥିଲେ । ଏହି କାର୍ଯ୍ୟକ୍ରମରେ ସବିତା ପାଣିଗ୍ରାହୀ, ମାନସ କୁମାର ପାଣିଗ୍ରାହୀ, ରାଜ୍ୟ ସମ୍ପାଦିକା ଶ୍ରୀମତୀ ମିନତୀ କର, ଜିଲ୍ଲା ସଭାପତି ବିସ୍ମୟ କେଶରି ପାତ୍ର, ଜିଲ୍ଲା ସମ୍ପାଦକ ମହେଶ ମଲିକ, ଶୁଭେନ୍ଦୁ ଶେଖର ଦାସ, ଯୋଗେନ୍ଦ୍ର ନାଥ ସେନାପତି, ବିଶ୍ୱଜିତ୍ ପଣ୍ଡା ଉପସ୍ଥିତ ରହି ଷ୍ଟିଲ ଥାଳି, ପେନ୍, ପେନ୍‌ସିଲ, ଖାତା, ଚକଲେଟ୍ ଓ ପଢ଼ିବା ସାମଗ୍ରୀ ପ୍ରଦାନ କରିଥିଲେ । ଶେଷରେ ସଂଘର ସଦସ୍ୟମାନେ ଶିକ୍ଷାକେନ୍ଦ୍ରର ଅନ୍ତେବାସୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ସରକାରୀ ଯୋଜନାରୁ ବଞ୍ଚିତ କୃଷ୍ଣଚନ୍ଦ୍ର

ଜଳେଶ୍ୱର,୨୫/୦୬ (ନି.ପ୍ର): ବାଲିଆପାଳ ବ୍ଲକ ବୋଲଂ ପଂଚାୟତର ବୋଲଂ ୧ନମ୍ବର ୱାର୍ଡ ବାସିନ୍ଦା କୃଷ୍ଣଚନ୍ଦ୍ର ପଟ୍ଟାୟତ। ବୟସ ୭୦। ମାତ୍ର ଏଯାଏଁ ପାଇ ପାରି ନାହାନ୍ତି ବାର୍ଦ୍ଧକ୍ୟ ଭତ୍ତା । ସେହିପରି ଆବାସ ଯୋଜନାରେ ଘର କିମ୍ବା ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ପାଇବାରୁ ମଧ୍ୟ ବଞ୍ଚିତ। ପୁରୁଣା ଦରରା ଘରଟି ବିପଦ ସଂକୁଳ ଅବସ୍ଥାରେ। ସରକାରୀ ସହାୟତା ପାଇଁ ସ୍ଥାନୀୟ ପ୍ରଶାସନ ଓ ନିର୍ବାଚନ ଜନପ୍ରତିନିଧିଙ୍କୁ ବାରମ୍ବାର ଗୁହାରୀ କଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି। ରାଜନୈତିକ ଭେଦଭାବ କାରଣରୁ ତାଙ୍କୁ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ କରାଯାଉଛି ବୋଲି କହିଛନ୍ତି କୃଷ୍ଣଚନ୍ଦ୍ର।

ଏନ୍‌ଜିଟି ନିର୍ଦ୍ଦେଶରେ ସୁବର୍ଣ୍ଣରେଖା ବାଲି ଖାଦାନ ପରିଦର୍ଶନ

ଜଳେଶ୍ୱର,୨୫/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଦେଇ ଯାଇଥିବା ସୂବର୍ଣ୍ଣରେଖା ନଦିରୁ ବେଆଇନ୍ ବାଲି ଉତ୍ତୋଳନକୁ ନେଇ ବାଦବିବାଦ ଚାଲିଥିବା ବେଳେ କେତେକ ସଂଗଠନ ଏନ୍‌ଜିଟିର ଦ୍ୱାରସ୍ତ ହୋଇଥିଲେ । ଏ ସମ୍ପର୍କରେ ଏନ୍‌ଜିଟି ଜିଲାପ୍ରଶାସନକୁ ରିପୋର୍ଟ ମାଗିଥିଲେ । ମାତ୍ର ଉକ୍ତ ରିପୋର୍ଟ ଉପରେ ଆବେଦନକାରୀଙ୍କ ପକ୍ଷରୁ ଚେଲେଞ୍ଜ କରାଯିବାପରେ ଏନ୍‌ଜିଟି ଅସନ୍ତୋଷ ପ୍ରକାଶ କରିବା ସହିତ ଜିଲାପ୍ରଶାସନକୁ ପୁଣିଥରେ ରିପୋର୍ଟ ପ୍ରଦାନ କରିବାଲାଗି ନିର୍ଦ୍ଦେଶ ଦେଇଥିଲେ । ଆଜି ଜଳେଶ୍ୱର ତହସିଲର ପାଟଣା ଠାରେ ଥିବା ବାଲି ସୈରାତ କ, ଖ, ଗ, ଘ ସହିତ ବସ୍ତା ବ୍ଲକର ବେଣାପୁରା ବାଲି ସୈରାତକୁ ୪ ଜଣିଆ କମିଟି ତଦନ୍ତ କରିଥିଲେ । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ରାଜ୍ୟ ପ୍ରଦୋଷଣ ବୋର୍ଡର ନରୋତ୍ତମ ବେହେରା, ସେଣ୍ଟ୍ରାଲ ପଲ୍ୟୁସନ ବୋର୍ଡର ଏନ୍.ପି. ସିଂ, ସିଆ ପକ୍ଷରୁ ପ୍ରଦୀପ କୁମାର ନାୟକଙ୍କ ସହିତ ଏଡିଏମ୍ ନିଲୁ ମହାପାତ୍ର, ତହସିଲଦାର ଶଂକର ପଟ୍ଟନାୟକ ଓ ଆର୍‌ଆଇ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଶ୍ରେଣୀଗୃହ ଶିକ୍ଷାଦାନ ବ୍ୟବସ୍ଥା କୋଭିଡ୍ ସତର୍କତା ସହ ଚାଲୁ କରିବାକୁ ଦାବି ନଚେତ୍ ଆନ୍ଦୋଳନ ଚେତାବନୀ

ବାଲେଶ୍